୬ ଗିଲ୍‌ଙ୍କ ଅଧିନାୟକତ୍ୱରେ ଭାରତର ଐତିହାସିକ ବିଜୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୫୭ ● ୧୫ ଅକ୍ଟୋବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-257 ● 15th October 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ ହେବ ପ୍ରକଳ୍ପ

ଭୁବନେଶ୍ୱର, ୧୪।୧୦

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନ ଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି ।



ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରା ଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ । ଏହି ବୈଠକରୁ ଜଣାପଡିଛି ଯେ, ଏହି କେନ୍ଦ୍ର ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ-ଟ୍ୟୁରିଜିମ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ । ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ । ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ଼ ଉପଲବ୍ଧ ହେବା ସହିତ ଗୋଲାପ, ବାଉଁଶ, କାକଟସ୍, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ । (ପୃଷ୍ଠା ୭ରେ)

## ପୁରୁଷ ବନ୍ଧୁଙ୍କ ସମେତ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ କଲା ପୁଲିସ

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡିତାଙ୍କ ବୟାନ ରେକର୍ଡ

କୋଲକାତା, ୧୪।୧୦

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ କ୍ରାଇମ ସିନ୍ ରିକ୍ରିଏସନ୍ କଲା ଦୁର୍ଗାପୁର ପୁଲିସ । ପୁରୁଷ ବନ୍ଧୁ ଓ ୨ ଜଣ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ ସିନ୍ ରିକ୍ରିଏସନ୍ କରିଛି ପୁଲିସ । ପୁରୁଷ ବନ୍ଧୁଙ୍କୁ ନେଇ ଘଟଣାସ୍ଥଳରେ ଛାନଭିନ କରିଛି ପୁଲିସ । ପୁରୁଷ ବନ୍ଧୁ ପୀଡିତାଙ୍କ ସହ କେମିତି କେଉଁ ଭଳି କ୍ୟାମ୍ପସ ଯାଇଥିଲେ ସବୁର ଘଟଣାକ୍ରମ ଆଉଥରେ ଦେଖାଯାଇଛି । ଏହାସହ ଅନ୍ୟଦୁଇ ଅଭିଯୁକ୍ତଙ୍କୁ ନେଇ ମଧ୍ୟ ପୁଲିସ ସେଠାରେ ପହଞ୍ଚିଥିଲା ।



ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦୁର୍ଗାପୁରରେ ଘଟିଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣାରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି ଆସାନସୋଲ-ଦୁର୍ଗାପୁର କମିଶନରେଟ ପୁଲିସ । ଛାତ୍ରୀଙ୍କୁ ରାତିରେ ହଷ୍ଟେଲରୁ ବାହାରକୁ ଆସିବା ଲାଗି ପ୍ରବର୍ତ୍ତାଇବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଛି । ବୁଧବାର ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କମିଶନର ସୁନୀଲ ଚୌଧୁରୀ ସୂଚନା ଦେଇଛନ୍ତି ।

ଅନ୍ୟପଟେ ପୀଡ଼ିତା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇନାହିଁ ବୋଲି କମିଶନର କହିଛନ୍ତି । କେବଳ ଜଣେ ଅଭିଯୁକ୍ତ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ସେ କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ କମିଶନର କହିଛନ୍ତି ଯେ, ମାମଲାର ତଦନ୍ତ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏସନ ହୋଇଛି । ପୀଡ଼ିତା ଦେଇଥିବା ମନ୍ତବ୍ୟ ଏବଂ ତଥ୍ୟପ୍ରମାଣ ଆଧାରରେ ତାଙ୍କୁ ଗଣଦୁଷ୍କର୍ମ ହୋଇ ନ ଥିବା ଜଣାପଡ଼ିଛି । ଦୁଷ୍କର୍ମରେ କେବଳ ଜଣେ ଅଭିଯୁକ୍ତ ସମ୍ପୃକ୍ତ ରହିଛନ୍ତି । ପୀଡ଼ିତା ନିଜେ ଏହି ମନ୍ତବ୍ୟ ଦେଇଛନ୍ତି ବୋଲି କମିଶନର କହିଛନ୍ତି ।

ପୁଲିସ ଟିମ୍ ପ୍ରଥମେ କ୍ୟାମ୍ପସ ପହଞ୍ଚିଥିଲା, (ପୃଷ୍ଠା ୭ରେ)

## ବିଜେପି କର୍ମୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୪।୧୦

ନ୍ୟୁଜ୍ ବ୍ୟୁରୋ

ଛତିଶଗଡ଼ ବିଜାପୁରରେ ପୁଣି ମାତିଲେ ମାଓବାଦୀ । ମାଓବାଦୀମାନେ ଜଣେ ବିଜେପି କର୍ମୀଙ୍କୁ ଘରୁ ଡାକି ନେଇ ହତ୍ୟା କରିଛନ୍ତି । ପୁଲିସ୍ ଇନଫର୍ମର ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି । ମୃତକ ହେଲେ ସତ୍ୟମ ପୁନେମ । ସେ ବିଜାପୁରରେ ବିଜେପିର ମଣ୍ଡଳସ୍ତରୀୟ କର୍ମୀ । ପୂର୍ବରୁ ବି ସତ୍ୟମ ପୁନେମଙ୍କୁ ଏକାଧିକ ଥର ମାଓବାଦୀ ଚେତାବନୀ ଦେଇଥିଲେ ।

## ଶ୍ରୀମନ୍ଦିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା

# ଏଣିକି ମନ୍ଦିର ଭିତରକୁ ମୋବାଇଲ୍ ମନା

ପୁରୀ, ୧୪।୧୦

ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ପୂର୍ବରୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣକୁ ବ୍ୟାନ୍ କରାଯାଇଥିବା ବେଳେ ଏବେ ଶ୍ରୀମନ୍ଦିରକୁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । କୌଣସି ପୁଲିସ୍ କର୍ମଚାରୀ କିମ୍ବା



ସେବାୟତ ଆଉ ଏଣିକି ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ । ଆଗକୁ ଓ୍ୱାକିଟକି ବ୍ୟବସ୍ଥା ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି ମୁଖ୍ୟ । ମଙ୍ଗଳବାର ସୁରକ୍ଷା ସବ୍ କମିଟି ମୁଖ୍ୟ ଡଃ ଗିରିଶ୍ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ସବ୍ କମିଟିର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସୁରକ୍ଷା ସବ୍ କମିଟି (ପୃଷ୍ଠା ୭ରେ)

## ୧୬ରେ ନାମାଙ୍କନ ଭରିବେ ଜୟ ଢୋଲକିଆ

# ସାମିଲ ହେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୦

ନ୍ୟୁଜ୍ ବ୍ୟୁରୋ

ନୂଆପଡା ଉପନିର୍ବାଚନ ପାଇଁ ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନଥିବା ବେଳେ ଜୟ ଢୋଲକିଆଙ୍କ ନାଁ ଚୂଡ଼ାନ୍ତ ହୋଇଛି, କେବଳ ଘୋଷଣା ବାକି ରହିଛି । ବିଜେପି ଏହି ଉପନିର୍ବାଚନରେ ୫୦ହଜାରରୁ ଅଧିକ ଭୋଟରେ ଜିତିବ ବୋଲି କୁହାଯାଇଛି ।



ଆସନ୍ତା ୧୬ ତାରିଖରେ ନୂଆପଡା ଉପନିର୍ବାଚନ ପାଇଁ ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ ତାରିଖରେ ନୂଆପଡା ଯାଇ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ବେଳେ ଉପସ୍ଥିତ ରହିବେ । ନାମାଙ୍କନ ବେଳେ ଅନ୍ୟ ନେତୃବୃନ୍ଦଙ୍କ ସହ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବା ସହିତ ବିଶାଳ ସମାବେଶ କରିବେ । ଏନେଇ ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର ସୂଚନା ଦେଇଛନ୍ତି ।

## ଆଜିର ମୁଖ୍ୟ ଖବର

- ଓଡ଼ିଶାରେ ବୃହତ୍ ଆଲୁମିନିୟମ ପ୍ରକଳ୍ପ ସ୍ଥାନ ପାଇଁ ବେଦାନ୍ତର ପ୍ରସ୍ତାବ । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବେଦାନ୍ତ ମୁଖ୍ୟ ଅନୀଲ ଅଗ୍ରୱାଲ ।
- ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣାରେ ରିପୋର୍ଟ ଦେଲେ ଡିଆଇଜି ।
- ଗୁଗୁଲ୍ ଏଆଇ ହବ୍ ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବ: କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।



# ଆତ୍ମସମର୍ପଣ କଲେ ୬୦ ମାଓବାଦୀ

ଗଡଚିରୌଲି, ୧୪।୧୦

ନକ୍ସଲ ସଂଗଠନକୁ ବଡ଼ ଝଟକା । ଜଣେ କି ୨ଜଣ ନୁହନ୍ତି, ଏକା ସାଙ୍ଗରେ ୬୦ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆରମ୍ଭ ହୋଇଛି ମାଓବାଦୀଙ୍କ ଅସ୍ତ୍ର ତ୍ୟାଗ ପ୍ରକ୍ରିୟା । ସେଣ୍ଟ୍ରାଲ କମିଟି ମେମ୍ବର ମଲ୍ଲାଜୁଲା ବେଣୁଗୋପାଳଙ୍କ ସମେତ ୬୦ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ବେଣୁଗୋପାଳ ଓରଫ ସୋନୁ ଦାଦା ଓରଫ ଭୂପତି ଓରଫ ଅଭୟ । ଏଭଳି ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା ବେଣୁଗୋପାଳ । ତାଙ୍କ ନାମରେ ପୂର୍ବରୁ ୧କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ମିଳିଥିବା ସୂଚନା ମୁତାବକ, ୬୦ଜଣ ମାଓବାଦୀ ଗଡ଼ଚିରୌଲି ପୁଲିସ ସମ୍ମୁଖରେ ଆତ୍ମସମର୍ପଣ (ପୃଷ୍ଠା ୭ରେ)

# ଏଥର ଦୁଇ ଘଣ୍ଟା ଫୁଟିବ ବାଣ

ଭୁବନେଶ୍ୱର, ୧୪।୧୦

ନ୍ୟୁଜ୍ ବ୍ୟୁରୋ

ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି । ଏଥିଲାଗି ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି । ଚଳିତବର୍ଷ ଅକ୍ଟୋବର ୨୦ ତାରିଖରେ ସାରା ଦେଶ ପାଳନ କରିବ ଦୀପାବଳି । ଏହାପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବାର ସମୟକୁ ନେଇ ଗାଇଡଲାଇନ୍ ଜାରି କରାଯାଇଛି । ଚଳିତ ବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ସମୟ ନିର୍ଦ୍ଧାରିତ



ହୋଇଛି । କେବଳ ୭ରୁ ୯ଟା ଭିତରେ ସୀମିତ ରହିବ ବାଣଫୁଟା ସମୟ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଖାଲି ୨ ଘଣ୍ଟାର ସମୟ ନୁହେଁ (ପୃଷ୍ଠା ୭ରେ)

# କାର୍ ବାଣ୍ଟିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୪।୧୦ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ-ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆତ୍ମନିର୍ଭର ମହିଳା 'ଆମ ସୁବାହକ' ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଏ ନେଇ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସେ କହିଛନ୍ତି ୪ ବର୍ଷରେ ୧୧୦୦ ମହିଳାଙ୍କୁ କାର କିଣିବା ପାଇଁ ବ୍ୟାଙ୍କରୁ ଜଣଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଋଣ ଯୋଗାଇ ଦିଆଯିବ । ପ୍ରଥମ ବର୍ଷରେ ୨୦୦ ଜଣଙ୍କୁ , ଦ୍ୱିତୀୟ ବର୍ଷରେ ୨୫୦, ତୃତୀୟ ବର୍ଷରେ ୩୦୦ ଚତୁର୍ଥ ବର୍ଷରେ ୩୫୦ ମହିଳାଙ୍କୁ କାର୍ କିଣିବା ପାଇଁ ଋଣ ମିଳିବ । ଏହି ଋଣର କିସ୍ତି ମହିଳା ମାନେ ୫ ବର୍ଷରେ ସୁଝିବେ ।

ରାଜ୍ୟ ସରକାର ବାର୍ଷିକ ୧୧ ପ୍ରତିଶତ ହାରରେ ସୁଧ ସୁଝିବେ । ୨୧ରୁ ୪୦ ବର୍ଷର ମହିଳାଙ୍କୁ ସୁଯୋଗ ମିଳିବ । ସୁଭଦ୍ରା ହିତାଧିକାରୀ, ଏସ୍‌ଏଚ୍‌ଜି ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ । ଗାଡ଼ି କିଣିବାର ୩ ମାସ ପରେ ଆରମ୍ଭ ହେବ ଋଣ ପରିଶୋଧ ପ୍ରକ୍ରିୟା । ସୁଧ ବାଣିଜ୍ୟ ଓ (ପୃଷ୍ଠା ୭ରେ)

# ଇ-କେୱାଇସି କରିନଥିଲେ ମିଳିବନି ଚାଉଳ

ଭୁବନେଶ୍ୱର, ୧୪।୧୦ : ନ୍ୟୁଜ୍ ବ୍ୟୁରୋ

ଇ-କେୱାଇସି କରିନଥିଲେ ଆସନ୍ତା ମାସରୁ ବନ୍ଦ ହେବ ଚାଉଳ । ଏ ନେଇ ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି ଏବେବି ରାଜ୍ୟର ୧୫ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ଯେଉଁମାନେ ଇ-କେୱାଇସି କରିବେନି ସେମାନଙ୍କୁ ଚାଉଳ ମିଳିବନି । ଏବେ ଇ-କେୱାଇସି ପ୍ରକ୍ରିୟାକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି । ସମୟ ବଢାଇଲେ ଆମେ ବଢାଇବୁ । ବାଦ୍ ପଡିଥିବା ହିତାଧିକାରୀ ଲିଖିତ ଭାବେ ଦେଲେ ବିଚାର କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ଏବେ ଆଉ ସମୟ ନାହିଁ । (ପୃଷ୍ଠା ୭ରେ)






31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଅକ୍ଟୋବର ୨୦୨୫ ବୁଧବାର





## ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ଭାରୀ ଯାନ ଚଳାଚଳ ଉପରେ ପ୍ରତିବନ୍ଧ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବାଲିଚନ୍ଦ୍ରପୁର ସଂଯୋଗ କରୁଥିବା ୧୩ କିଲୋମିଟର ରାସ୍ତାରେ ପ୍ରତିଦିନ ସହସ୍ରାଧିକ ଲୋକ ନିଜର ଅଫିସିଆଲ୍ କାର୍ଯ୍ୟ, ମେଡିକାଲ ଓ ଅନ୍ୟାନ୍ୟ ଜରୁରୀକାଳୀନ କାମ କରିବାକୁ ଯାତାୟାତ କରନ୍ତି। ବଡ଼ଚଣା ବ୍ଲକ କାର୍ଯ୍ୟାଳୟ, ବଡ଼ଚଣା ସି.ଏଚ୍.ସି, ଏସ୍.ଆର୍. ଅଫିସ, ତହସିଲ କାର୍ଯ୍ୟାଳୟ ସହ ଧାନମଣ୍ଡଳ ଓ ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାରୁ ଏହି ରାସ୍ତା ମଧ୍ୟରେ ଜନସାଧାରଣଙ୍କ ଗମନାଗମନ ଅଧିକ। ଭାରୀ ଯାନ, ଟ୍ରକ୍ ଓ ଲୋଡେଡ୍ ଯାନଗୁଡ଼ିକ ହାଇୱେ ବଦଳରେ ଏହି ରାସ୍ତା ଦ୍ୱାରା ଗତିଶୀଳ ହେଉଥିବାରୁ ବିପଦଜନକ ଦୁର୍ଘଟଣା ଘଟୁଛି। ସାଧାରଣ ଜନତା, ବିଦ୍ୟାଳୟ–ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସାଇକେଲ ଚାଳକ ଓ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାଜପୁର ଜିଲ୍ଲାପାଳ–କମ୍–ଚେୟାରମ୍ୟାନ, ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅମ୍ବର କୁମାର କର, ଓ.ଏ.ଏସ୍ (ଏସ୍.ଏସ୍) ସାଧାରଣ ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି–ଶୃଙ୍ଖଳାକୁ ଦୃଷ୍ଟିରେ ରଖି, ମୋଟର ଭେହିକଲ୍ସ ଆଇନ୍ ୧୯୮୮ର ଧାରା ୧୧୫, ୧୧୬ ଓ ୧୧୭ ଓ ଓଡ଼ିଶା ମୋଟର ଭେହିକଲ୍ସ ନିୟମାବଳୀ ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧ ଜାରି କରିଛନ୍ତି। ଏହି ପ୍ରତିବନ୍ଧକ ୦୧.୧୦.୨୦୨୫ ରୁ ୩୧.୧୦.୨୦୨୫ (ଏକ ମାସ ପାଇଁ) ବଳବତ୍ତର ରହିବ।

# ୩ ଶିଶୁ ସହ ୬ ଦାଦନ ଶ୍ରମିକ ଉଦ୍ଧାର:ସର୍ଦ୍ଦାର ଅଟକ



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ପୋଲିସ୍ ପାଟ୍ରୋଲିଂ କଲାବେଳେ ରବିବାର ସନ୍ଧ୍ୟାରେ ବେଆଇନ୍ ଭାବେ ଚାଲାଣ ହେଉଥିବା ୩ ଜଣ ଶିଶୁ ସମେତ ୬ ଜଣଙ୍କୁ ଉଦ୍ଧାର କରିଥିବା ପୋଲିସ୍ ସୂଚନା ଦେଇଛି। ସୂଚନା ଅନୁସାରେ ସନ୍ଧ୍ୟାରେ ପାଟ୍ରୋଲିଂ କଲାବେଳେ ହରିଶଙ୍କର ଛକ ନିକଟରେ ଏକ ବୋଲେରୋ ଗାଡ଼ିରେ କିଛି ଶ୍ରମିକ ଆନ୍ଧ୍ରପ୍ରଦେଶର ଏକ ଇଟା ଭାଟିକୁ ବେଆଇନ୍ ଭାବରେ ଯାଉଥିବା ଜାଣି ଶ୍ରମିକମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଥାନାକୁ ଆଣିଥିଲେ। ବେଆଇନ୍ ଶ୍ରମିକ ଚାଲାଣ ହେଉଥିବା ବୋଲେରୋ ଗାଡ଼ି ଅଟକ ରଖିବା ସହିତ ଦାଦନ ସର୍ଦ୍ଦାର ବେଲପଡ଼ା ଥାନା ପର୍ଲିମାଲ ଗାଁର ଜଗ ସୁନାକୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଉଦ୍ଧାର ଶ୍ରମିକ ମାନେ ଗୁଣ୍ଡୁରୁପାଲି ଗାଁର ହୋଇଥିବା ବେଳେ ଉଦ୍ଧାର ମଧ୍ୟରେ ୩ ମହିଳା, ୩ ପୁରୁଷ ସହିତ ୩ ଶିଶୁ ରହିଛନ୍ତି। ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୨୩୮/୨୫ରେ ଏକ ମାମଲା ରୁଜୁ କରି ଉଦ୍ଧାର ଶ୍ରମିକ ମାନଙ୍କୁ ନିଜ ଗାଁକୁ ପଠେଇଦେଇଥିବା ଥାନ ଏସ୍ଆଇ ଲିଙ୍ଗରାଜ କିଷାନ ସୂଚନା ଦେଇଛନ୍ତି।

# ବୁଲୁଛି ନକଲି ୧୦୦ ଟଙ୍କିଆ ନୋଟ୍:ଟାର୍ଗେଟ୍‌ରେ ଚା' ଓ ପାନ ଦୋକାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସାବଧାନ । ବଜାରେ ବୁଲୁଛି ୧୦୦ ଟଙ୍କିଆ ନକଲି ନୋଟ୍ । ଦୋକାନ ଗହଳି ଥିବାର ସୁଯୋଗ ନେଇ ୧୦୦ ଟଙ୍କିଆ ନକଲି ନୋଟ୍ ଧରେଇ ଦେଇ ଚାଲି ଯାଉଛନ୍ତି ଗ୍ରାହକ । ୧୦ ରୁ ୨୦ ଟଙ୍କାର ସାମଗ୍ରୀ କିଣି ଶହେ ଟଙ୍କିଆ ଧରାଉଛନ୍ତି । ପଛରେ ନକଲି ନୋଟ୍ ଦେଖି ବ୍ୟବସାୟୀ ମୁଣ୍ଡରେ ହାତ ଦେଉଛି । ବ୍ରହ୍ମପୁର ସହରରେ ଭିଡ଼ ରହୁଥିବା ଚା', ଜଳଖିଆ ଓ ପାନ ଦୋକାନକୁ ଟାର୍ଗେଟ୍ କରୁଛନ୍ତି । ଗତ ଦୁଇ ମାସ ମଧ୍ୟରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଜଣେ ଚା' ଦୋକାନୀ ୩ଟି ନକଲି ନୋଟ୍ ଗ୍ରାହକଙ୍କ ଠାରୁ ପାଇଛନ୍ତି । ସହରରେ ନକଲି ନୋଟ୍‌ର ବଡ଼ ରାକେଟ୍ ପୁଣି ସକ୍ରିୟ ହୋଇଥିବା ସନ୍ଦେହ ହେଉଛି । ସକାଳେ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା କୁନା ଚା' ଦୋକାନକୁ କେତେ ଜଣ ଯାଇଥିଲେ । ଚା' ଓ ବିସ୍କୁଟ ମାଗିବା ସମୟରେ ଦୋକାନରେ କାମ କରୁଥିବା ବାପୁନି ସାହୁ କହିଥିଲେ ସକାଳ ସାଢ଼େ ୬ ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଦୋକାନ ଭିଡ଼ ଥିଲା । ସେତିକି ଭିତରେ କିଏ ଜଣେ ଆଣି ନୋଟ୍‌ଟା ଦେଇ ପଳେଇଛି । ଏବେକୁ ୩ ଥର ହେଲାଣି ଏହିପରି ନୋଟ୍ ଦେଲେଣି ଭାଇନା । ନୋଟ୍‌ଟିକୁ ଦେଖିଲେ ଆପଣ ମଧ୍ୟ ତାଜୁବ୍ ହୋଇଯିବେ । ଦେଖିବାକୁ ପୁରା ଅସଲିଭଳି । ଟିକିଏ ପୁରୁଣା ନୋଟ୍ ପରି ଦିଶୁଛି, ରଙ୍ଗରେ ଆଂଶିକ ଫରକ୍ ରହିଛି । ହଠାତ୍ ଦେଖିଲେ ଆପଣ ବାରିପାରିବେ ନାହିଁ। ଆର୍‌ବିଆଇ ଦେଇଥିବା ସାଙ୍କେତିକ ଚିହ୍ନ ଅନୁଯାୟୀ, ମହାତ୍ମାଗାନ୍ଧୀଙ୍କ ଜଳଛବି ଓ ୧୦୦ ଠିକ୍‌ରେ ଦେଖାଯାଉନି । ନୋଟ୍‌ରେ ସିକ୍ୟୁରିଟି ଥ୍ରେଡ୍ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ ଉପରେ ମାଡ଼ି ବସିଛି । ଏହାକୁ ଛାଡ଼ିଲେ ଅନ୍ୟ ସମସ୍ତ ଲେଖା ଓ ଚିତ୍ର ପ୍ରାୟ ସମାନ ରହିଛି । ନିକଟରେ ଉପସ୍ଥିତ ଜଣେ ସହରବାସିନ୍ଦା କେ. ସୂର୍ଯ୍ୟା ରାଓ କହିଥିଲେ । ଦିନ ତଳେ ଅନ୍ନପୂର୍ଣ୍ଣା ମାର୍କେଟ୍‌ରେ ଥିବା ଜଣେ ପାନ ଦୋକାନୀ ମଧ୍ୟ ଏହିପରି ନୋଟ୍ ଦେଖାଇ ଅଭିଯୋଗ କରିଥିଲେ । ମାର୍କେଟ୍‌ରେ ଏବେ ନକଲି ନୋଟ୍ ଅଧିକ ଦେଖାଯାଉଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ।

# ଅବ୍ୟବସ୍ଥା ଘେରରେ ସୋନପୁରର ସ୍ମାର୍ଟ ପାର୍କ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ଜିଲ୍ଲା ସଦର ମହକୁମା ଠାରେ ଥିବା ସ୍ମାର୍ଟ ପାର୍କର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏ ନେଇ ସୋନପୁର ମ୍ୟୁନିସିପାଲିଟିକୁ ଘୋର ନିନ୍ଦା କରୁଛନ୍ତି ସହରବାସୀ । ଜିଲ୍ଲା ମୁଖ୍ୟାଳୟରେ କୌଣସି ମନୋରଞ୍ଜନ ସ୍ଥଳ ନଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ୟମକ୍ରମେ ଏହି ପରିତ୍ୟକ୍ତ ଫରେଷ୍ଟ ପାର୍କକୁ ସ୍ମାର୍ଟ ପାର୍କରେ ପରିଣତ କରାଯାଇଥିଲା ଏବଂ ପାର୍କର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଗ୍ରୁପ୍ ମହିଳାମାନଙ୍କୁ ନିଯୁକ୍ତ କରାଯାଇ ବହୁତ ସୁନ୍ଦର ରୂପରେଖ ଦିଆଯାଇଥିଲା ବେଳେ ପାର୍କରୁ ଆୟ ମଧ୍ୟ ବଢିଆ ହେବାକୁ ଲାଗିଥିଲା । କିନ୍ତୁ ବିଗତ ୨ ବର୍ଷ ହେଲା ପାର୍କ ଭିତରେ ଥିବା ଏକ ମାତ୍ର ସେଲ୍ଫି ତଥା କୁନି କୁନି ଛୁଆମାନେ ଫଟୋ ଉଠାଉଥିବା ସ୍ଥଳ ଫାଉଣ୍ଟେନ୍ (ଜଳଫୁଆରା) ଅଚଳ ହୋଇପଡିଛି । ବୁଝିବାରୁ ଜଣାପଡ଼ିଲା ଯେ ପେନାଲ ବୋର୍ଡ ପୋଡିଯିବାରୁ ତାହା ପ୍ରାୟ ଦୁଇ ବର୍ଷ ହେବ ଅଚଳ । ବ୍ୟାୟାମ ଉପକରଣ ଅଚଳ । ଶିଶୁମାନଙ୍କ ମା'ମାନେ ପାର୍କକୁ ଛୁଆମାନଙ୍କୁ ନେଇଯାଉଥିବା ବେଳେ ମା'ମାନଙ୍କ ପାଇଁ ଦୋଳିଟିଏ ମଧ୍ୟ ସୁବିଧା ନଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ମହିଳାମାନେ । ଉକ୍ତ ସବୁ ସମସ୍ୟା ପାଇଁ ଜିଲ୍ଲାପାଳ ଉଚିତ୍ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି ।

## 'ଉତ୍କଳ ଜନନୀଙ୍କ ସୁଯୋଗ୍ୟ ସନ୍ତାନ' ପୁସ୍ତକ ଉପହାର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଧୁନିକ ଓଡ଼ିଶାର ବିକାଶରେ ଭାଷା, ସଂସ୍କୃତି, ସମାଜସେବା କ୍ଷେତ୍ରକୁ ଅବଦାନ ଦେଇଥିବା ଓଡ଼ିଶାର ଶହେଜଣ ମହାନ୍ ବ୍ୟକ୍ତିଙ୍କ ଜୀବନ ଓ ଅବଦାନକୁ ନେଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରସ୍ତୁତ କରିଥିବା ତଥା ଏନ୍‌ସିଇଆର୍‌ଟି, ନୂଆଦିଲ୍ଲୀ ପ୍ରକାଶ କରିଥିବା ସଂକଳନ 'ଉତ୍କଳ ଜନନୀଙ୍କ ସୁଯୋଗ୍ୟ ସନ୍ତାନ'କୁ ଆନୁଷ୍ଠାନିକ ଭାବେ ଏନ୍‌ସିଇଆର୍‌ଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଉପହାର ସ୍ୱରୂପ ଓଡ଼ିଶା ସରକାରଙ୍କ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ଆଇଏଏସ୍‌ଙ୍କୁ ପ୍ରଦାନ କରିଛନ୍ତି। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ଏନ୍‌ସିଇଆର୍‌ଟିର ପ୍ରଫେସର ଶରତ ସିହ୍ନା, ପ୍ରଫେସର ବିଜୟନଙ୍କ ସମେତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି, ପ୍ରଫେସର ରମାକାନ୍ତ ମାହଳିକ, ପ୍ରଫେସର ରଶ୍ମିରେଖା ସେଠୀ, ପ୍ରଫେସର ରୀତାଞ୍ଜଳି ଦାଶ ଓ ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ସଂକଳନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ସିଇଆର୍‌ଟିର ପ୍ରତିଷ୍ଠା ଦିବସ ଅବସରରେ ଏହାର ଡିଜିଟାଲ୍ ସଂସ୍କରଣ ଲୋକାର୍ପଣ କରିଥିଲେ ।



## ଥାନା ଏଏସ୍ଆଇଙ୍କ ପଦୋନ୍ନତି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଟାଉନ୍ ଥାନାରେ ଗତ ଛଅ ମାସ ହେବ କାର୍ଯ୍ୟରତ ଥିବା ସବ୍ ଇନ୍ସପେକ୍ଟର ଅଜୟ କୁମାର ସାହୁଙ୍କ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ହେଇଛି। ଇନ୍ସପେକ୍ଟର ସାହୁ ଜଣେ ସରଳ, ଅମାୟିକ ସ୍ନେହି ମଣିଷ ସହ ଜଣେ ଭଲ ଅଫିସର ରୂପେ ତାଙ୍କ କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ସାଧାରଣ ଲୋକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବାରେ ଶ୍ରୀ ସାହୁ ଲୋକମାନଙ୍କ ଦ୍ୱାରା ଉଚିତ୍ ନ୍ୟାୟ ପ୍ରଦାନ କରିବାରେ ପରିଚିତ । ଇନ୍ସପେକ୍ଟର ସାହୁ ଜଣେ ସୁଦକ୍ଷ ପୋଲିସ କର୍ମଚାରୀ ଭାବେ ପୂର୍ବରୁ ଥିବା ବିଭିନ୍ନ ଥାନାରେ ପରିଗଣିତ। ଯାଜପୁର ବାସୀ ତାଙ୍କ କାର୍ଯ୍ୟ ଧାରାରେ ସନ୍ତୋଷ ଲାଭ କରିଥିବା ବେଳେ ତାଙ୍କ ଭବିଷ୍ୟତ କର୍ମମୟ ଜୀବନ ଉଜ୍ଜ୍ୱଳମୟ ହେଉ ବୋଲି ପ୍ରକାଶ କରିଛନ୍ତି।

# ଡା. ପ୍ରଦୀପ୍ତ ଶେଖର ପାତ୍ରୋ ସମ୍ମାନିତ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋଙ୍କୁ ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ର୍ୟୁମାଟୋଲଜି ପକ୍ଷରୁ ସମ୍ମାନିତ କରାଯାଇଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପାତ୍ରୋଙ୍କୁ ନୂଆ ଦିଲ୍ଲୀ ଠାରେ ଅକ୍ଟୋବର ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ର୍ୟୁମାଟୋଲଜି ପକ୍ଷରୁ ଆୟୋଜିତ ନ୍ୟାସ୍‌ନାଲ୍ ର୍ୟୁମାଟୋଲଜି କନ୍‌ଫରେନ୍ସ 'ଇରାକନ୍ ୨୦୨୫' ଅବସରରେ ଦ୍ୱିତୀୟ ଶ୍ରେଷ୍ଠ ଅରଜିନାଲ୍ ରିସର୍ଚ୍ଚ ପେପର ଆୱାର୍ଡରେ ସମ୍ମାନିତ କରାଯାଇଛି। ପ୍ରଫେସର ପାତ୍ରୋଙ୍କର ଇମ୍ୟୁନୋଲଜି ଏବଂ ର୍ୟୁମାଟୋଲଜି ଚିକିତ୍ସା ଏବଂ ରୋଗୀ ସେବା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ଏବଂ ସଫଳତା ରହିଛି।

# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ:୨୦ରୁ ଊର୍ଦ୍ଧ୍ୱ ଆହତ

**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

ଗତ ରବିବାର ବିଳମ୍ବିତ ରାତ୍ରିରେ ଚନ୍ଦ୍ରଭାଗା ବଜାରରେ କଥା କଟାକଟିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ଓ ବାଡ଼ିଆବାଡି ହୋଇ ୨୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ମୁତାବକ କୋଣାର୍କ ଅଞ୍ଚଳରେ ମା' ଲକ୍ଷ୍ମୀଙ୍କ ଭସାଣୀକୁ ନେଇ କୋଣାର୍କ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମୟ ୧୧ଟା ୩୦ ସୁଦ୍ଧା ଅଞ୍ଚଳର ସମସ୍ତ ଭସାଣୀ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଯିବାପରେ ବିନା ଅନୁମତିରେ ନିମାପଡା ଗଡଅଣ୍ଡିଆ ସାହିର କିଛି ଯୁବକ ଭସାଣୀ କରିବା ପରେ ଚନ୍ଦ୍ରଭାଗା ଆସିଥିଲେ । ଏହି ସମୟରେ ସ୍ଥାନୀୟ ମାଙ୍କଡ଼ଗୋରଡି ଗ୍ରାମର କିଛି ଯୁବକ ଭସାଣୀ ସାରି ଫେରୁଥିବା ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ଉତ୍ତେଜନା ବୃଦ୍ଧି ପାଇଥିଲା ଫଳରେ ଉଭୟ ମଧ୍ୟରେ ହାତାହାତି ବାଡ଼ିଆ ବାଡି ହୋଇଥିଲେ। ସେଠାରେ ନିମାପଡ଼ାର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଥମେ ମାଙ୍କରଗୋରଡି ଗ୍ରାମର ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିଲେ । ପରେ ଖବର ପାଇ ଗ୍ରାମବାସୀମାନେ ଏକତ୍ର ହୋଇ ନିମାପଡ଼ା ଅଞ୍ଚଳର ଲୋକଙ୍କୁ ପଚରା ଉଚରା କରିବାରୁ ପୁଣି ଗଣ୍ଡଗୋଳ ସୃଷ୍ଟି ହୋଇ ବାଡିଆବାଡ଼ି ହୋଇଥିଲେ। ଯାହାଫଳରେ ଉଭୟ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହାତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ନିମାପଡ଼ାରେ ଉତ୍ତେଜନା ପରିସ୍ଥିତି ଥିବାବେଳେ ସେଠାରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ତଦନ୍ତ କରି ଆହତ ମାନଙ୍କୁ ଭେଟି ପଚରା ଉଚୁରା କରିଥିଲେ। ଏହି ଘଟଣାକୁ ନେଇ କୋଣାର୍କ ଥାନା କେସ୍ ନମ୍ବର ୨୦୩/୨୫ ଓ ୨୦୪/୨୫ରେ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଉଭୟ ପକ୍ଷରୁ ଆହତ ବ୍ୟକ୍ତିମାନେ ଭୁବନେଶ୍ୱର ଓ ପୁରୀ ମେଡ଼ିକାଲରେ ଚିକିତ୍ସା ହେଉଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଉଭୟ ପକ୍ଷରୁ କେହି ଗିରଫ ହୋଇନଥିବା ସୂଚନା ମିଳିଛି। ଏପରି ଉତ୍ସବରେ ପୋଲିସ କଣ କରୁଥିଲା କିପରି ଏତେବଡ ଘଟଣା ବାରମ୍ବାର ଘଟିଲା, ପୋଲିସ ପାଟ୍ରୋଲିଂ ଅଭାବ ଓ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଦିପାବଳୀ:ବିକ୍ରି ଆବେଦନ ସୀମିତ, ଜବତ ହେଲାଣି ୫୦ ଲକ୍ଷର ବାଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆସୁଛି ଦିପାବଳୀ । ଏହି ଦିନରେ ବାଣ ଫୁଟାଇବାକୁ ସମସ୍ତେ ଅନାଇ ବସିଥାନ୍ତି। ହେଲେ ବାଣ ବିକ୍ରି ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ଏନେଇ ଜିଲ୍ଲା ପ୍ରଶାସନ ବ୍ୟବସାୟୀଙ୍କୁ ବିକ୍ରି ପାଇଁ ଅନୁମତି ଦେଇଥାଏ । ତେବେ ଦୀପାବଳିର ମାସକ ପୂର୍ବରୁ ସହରରେ ବେଆଇନ୍ ବାଣ ଗଚ୍ଛିତ କରିବା ଆରମ୍ଭ କଲେଣି କିଛି ଅସାଧୁ ବ୍ୟବସାୟୀ । ଫଳରେ ସହରର ବିଭିନ୍ନ ବେଆଇନ୍ ଗଚ୍ଛିତ ହୋଇଥିବା ବାଣ ଦୋକାନ ଓ ଘରେ ଚଢ଼ଉ କରି ବ୍ରହ୍ମପୁର ପୋଲିସ ୫୦ ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କଲାଣି । ଅନ୍ୟପଟେ ହାତରେ ସପ୍ତାହେ ରହିଥିବା ବେଳେ ବ୍ରହ୍ମପୁର ସହରରେ କେହି ବି ବ୍ୟବସାୟୀ ବାଣ ବିକ୍ରି ପାଇଁ ଅଗ୍ନିଶମ ବିଭାଗରେ ଆବେଦନ କରିନଥିବା ବ୍ରହ୍ମପୁର ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ କହିଛନ୍ତି । ତେବେ ଜିଲ୍ଲାରେ ଶହେରୁ ଅଧିକ ବ୍ୟବସାୟୀ ଆବେଦନ କରିଥିବା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି । ଗ୍ରୀନ୍ କ୍ରାକ୍‌ରେ ଦୋକାନ ଖୋଲିବା ପାଇଁ ସ୍ଥାନୀୟ ନୋ ଅବଜେକ୍‌ସନ୍ ପ୍ରମାଣପତ୍ର ଆଣିବା ଜରୁରୀ ବୋଲି ସେ କହିଛନ୍ତି । ସହରରେ ବାଣ ବିକ୍ରି ଉପରେ କଟକଣା ଜାରି ହୋଇଛି । ଆମ୍ବ ମାର୍କେଟ୍ ପାଖରେ ଥିବା ବାଲୁଙ୍କେଶ୍ୱର ବାଣ ବଜାର ୫ ବର୍ଷ ହେଲା ବନ୍ଦ ହୋଇଯାଇଛି । ସୁରକ୍ଷା ଦୃଷ୍ଟିରେ ସହରରେ ବାଣ ବଜାର ଖୋଲିବାକୁ ଅନୁମତି ମିଳୁନଥିବା ବେଳେ ସହର ଉପକଣ୍ଠ ଅଞ୍ଚଳରେ ବାଣ ଦୋକାନ ଖୋଲାଯାଉଛି । ତେବେ ବାଣ ବିକ୍ରି ପାଇଁ ସ୍ଥାନୀୟ ପୋଲିସ ଓ ତହସିଲଦାର, ଅଗ୍ନିଶମ ବିଭାଗ ଠାରୁ ଅନୁମତି ଜରୁରୀ ରହିଛି । କିନ୍ତୁ ବ୍ରହ୍ମପୁର ଓ ଏହାର ଉପକଣ୍ଠ ଅଞ୍ଚଳରେ ବାଣ ବିକ୍ରି ପାଇଁ ଅଗ୍ନିଶମ ବିଭାଗ ନିକଟରେ କେହିବି ଆବେଦନ କରିନାହାନ୍ତି । ଅନ୍ୟପଟେ ଦିପାବଳୀକୁ ଦୃଷ୍ଟିରେ ରଖି କିଛି ବ୍ୟବସାୟୀ ସହରର ବିଭିନ୍ନ ସ୍ଥାନରେ ବେନିୟମ ଭାବେ ବାଣ ଗଚ୍ଛିତ ରଖିଛନ୍ତି । ଏହିପରି ପ୍ରାୟ ୮ ରୁ ୧୦ଟି ସ୍ଥାନରେ ଚଢ଼ଉ କରି ବ୍ରହ୍ମପୁର ପୋଲିସ ୫୦ ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରିଛି । ବୈଦ୍ୟନାଥପୁର ଥାନା ପୋଲିସ ଗତ ଶୁକ୍ରବାର ଲାଞ୍ଜିପଲ୍ଲି ଜେଲ୍ ରୋଡ୍ ଅଞ୍ଚଳରେ ରହିଥିବା ଏକ ଘରେ ଚଢ଼ଉ କରି ସେଠାରୁ ସେ ୧୦ ଲକ୍ଷ ଟଙ୍କାର ବାଣ ଜବତ କରିଥିଲା । ବଡ଼ବଜାର ଥାନା ପୋଲିସ ସେପ୍ଟେମ୍ବର ୨୬ରେ ସାନବଜାର ଛକ ନିକଟରୁ ଏକ ସିଜନ୍ ଷ୍ଟୋର୍‌ରୁ ୩ ଲକ୍ଷ ଟଙ୍କାର ବାଣ ଜବତ କରିଥିଲା । ଗୋସାଇଁ ନୂଆଗାଁ ଥାନା ପୋଲିସ ସେପ୍ଟେମ୍ବର ୨୯ ମଧ୍ୟରାତ୍ରରେ ୨୦ ଲକ୍ଷ ଟଙ୍କାର ବାଣ ଅମ୍ବପସରା ରୋଡ୍ ସ୍ଥିତ ପୁରୁଣା ବାଣ ମାର୍କେଟରୁ ଜବତ କରିଥିଲା । ଏନେଇ ୩ଟି ମାମଲା ରୁଜୁ କରିଥିଲା । ସଦର ଥାନା ପୋଲିସ ଡେଙ୍ଗାପଦର ଛକ ନିକଟରୁ ସେପ୍ଟେମ୍ବର ୩୦ରେ ଟାଟା ଏସି ସହ ୧୦ ଲକ୍ଷର ବାଣ ଜବତ କରିଥିଲା । ସେହିପରି ୨୯ ତାରିଖରେ ଡେଙ୍ଗାପଦର ଛକରୁ ୨ ଲକ୍ଷ ଟଙ୍କାର ବାଣ ଗୋଟିଏ ଅଟୋରୁ ଜବତ ହୋଇଛି । ଅନ୍ୟପଟେ ସେପ୍ଟେମ୍ବର ୨୭ ତାରିଖରେ ଲାଠି ଗ୍ରାମ ପଦ୍ମ ନଗରରୁ ୧୫ ଲକ୍ଷର ବାଣ ଜବତ କରିଛି ସଦର ଥାନା ପୋଲିସ । ବ୍ରହ୍ମପୁର ପୋଲିସ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ବାଣ ଗତ ୧୫ ଦିନ ମଧ୍ୟରେ ଜବତ କରିଛି । ନିୟମିତ ଭାବେ ବେଆଇନ୍ ବାଣ ବିକ୍ରି ଓ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଥିବା ପୋଲିସ କହିଛି । ବ୍ୟବସାୟୀ କେ. ଅନୀଲ୍ କହିଛନ୍ତି, ବାଣ ବିକ୍ରି ପାଇଁ ୩ ଦିନ ଅସ୍ଥାୟୀ ଲାଇସେନ୍ସ ମିଳୁଛି । ମାସେ ପୂର୍ବରୁ ଆମେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆବେଦନ କରିଛୁ । ଚଳିତ ବର୍ଷ ଏବେ ସୁଦ୍ଧା ବିକ୍ରି ଲାଇସେନ୍ସ ମିଳିନାହିଁ ।

# ୧୭ରେ ପ୍ରଗତି ଉତ୍କଳ ସଂଘ, ରାଉରକେଲା ତରଫରୁ ଚନ୍ଦ୍ରଶେଖର ରଥଙ୍କ ଜୟନ୍ତୀ ପାଳନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଅକ୍ଟୋବର ୧୭, ଶୁକ୍ରବାର ଦିନ ସଂଧ୍ୟା ୬.୪୫ ମିନିଟରେ ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ରାଉରକେଲା ଆନୁକୂଲ୍ୟରେ ପ୍ରଥିତଯଶା ଲେଖକ ଚନ୍ଦ୍ରଶେଖର ରଥଙ୍କ ୯୭ତମ ଜନ୍ମଜୟନ୍ତୀ ସଂଘର ସଭା ଗୃହରେ ପାଳିତ ହେବ। ଏହି ସଭାରେ ସଭାପତିତ୍ୱ କରିବେ ପ୍ରତାପ କୁମାର ସ୍ୱାଇଁ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମଞ୍ଚମଣ୍ଡନ କରିବେ-ବରେଣ୍ୟ ଅତିଥି- ଅର୍ଚ୍ଚନା ଶତପଥୀ, ପ୍ରାକ୍ କଥନ-ଡ.ପ୍ରଭାତ କୁମାର ମଲ୍ଲିକ, ସମ୍ମାନନୀୟ ଆଲୋଚକ- ରାଜୀବ ପାଣି, ସଂଯୋଜନା- ଭାରତ ଭୂଷଣ ମହାନ୍ତି ପ୍ରମୁଖ। ଆଲୋଚ୍ୟର ବିଷୟ ରହିଛି- 'ଚନ୍ଦ୍ରଶେଖରଙ୍କ ସୃଜନ ମନ୍ଥନ' । ଶିକ୍ଷା ଓ ସାହିତ୍ୟ ଜଗତର କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ବହୁ ସଂଖ୍ୟାରେ ସାହିତ୍ୟିକମାନେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ପ୍ରଗତି ଉତ୍କଳ ସଂଘର ସାଧାରଣ ସଂପାଦକ ରାଧାମୋହନ ନାୟକ ଅନୁରୋଧ କରିଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୫।୧୦।୨୦୨୫, ଆଶ୍ୱିନ ଦି୨୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୪୧।୧୮ ଚନ୍ଦ୍ରୋଦୟ-ରାଘ୧।୦୭।୦୯**

**ନବମୀ**-ଦିଘ୧୦।୩୪ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ଦିଘ ୧୨।୦୧ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୦।୩୪ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୨୮ ଗତେ ଘ ୩।୪୭ ମଧ୍ୟେ । **ପର୍ବୋତ୍ସବ-** ଏ.ପି.ଜେ. ଅବ୍‌ଦୁଲ୍ କାଲାମ୍‌ଙ୍କ ଜୟନ୍ତୀ, ଶିରିଡ଼ି ସାଇ ବାବାଙ୍କ ମହାପ୍ରୟାଣ ଦିବସ ।



**ମେଷ:** ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ। ବାହାରେ ଯନ୍ତ୍ରଣା ଅନୁଭବ କରିବେ। ପ୍ରଚୁର ଧନର ଅଧିକାରୀ ହେବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ଶୁଭ ଖବର ପାଇ ଆନନ୍ଦିତ ହେବେ ।



**ବୃଷ:** ଯାନବାହାନ କ୍ରୟ କରିବେ। କର୍ମକ୍ଷେତ୍ରରେ ସମସ୍ୟା ବହୁଳ ହୋଇପାରେ। ବନ୍ଧୁଙ୍କ ଠାରୁ କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ। ଆୟର ପରିମାଣ ବଢ଼ିବ। ଗୃହରେ ଆନନ୍ଦ ପ୍ରାପ୍ତ ହେବାର ସୂଚନା ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ମହିଳାମାନେ ସ୍ୱାର୍ଥପର ହେବେ। ଲୋକମାନେ ଆପଣଙ୍କ ପ୍ରତି ଇର୍ଷା କରିବେ। ରୋଜଗାର ବୃଦ୍ଧି ହେବ। ପରିବାରରେ ସମସ୍ୟା ଦେଖାଦେବ। ମନ ଅସ୍ଥିର ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ସତ୍ ପଥରେ ଚାଲିବେ। ନୂତନ ଦ୍ରବ୍ୟ କ୍ରୟ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ସିଂହ:** ସବୁଠାରୁ ସମ୍ମାନ ପାଇବେ। ପୁରୁଣା ରୋଗ ଭଲ ହେବ। ଜାଗା ବାଡ଼ି କିଣିପାରନ୍ତି। ଦୟାଳୁ ହେବେ। ମୂଲ୍ୟବାନ ଦ୍ରବ୍ୟ ଲାଭ କରିବେ। ପରିବାରରେ ସମସ୍ୟା ଯୋଗୁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଶରୀର ସୁସ୍ଥ ରହିବ। ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ। ଅପେକ୍ଷା କରିଥିବା ଶୁଭ ଖବର ମିଳିବ। କର୍ମକ୍ଷେତ୍ରରେ ସହଯୋଗୀଙ୍କ ସାନ୍ନିଧ ଲାଭ କରିବେ। ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ। କାର୍ଯ୍ୟ କ୍ଷେତ୍ରରେ ଲୋକପ୍ରିୟତା ବଢ଼ିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଶାନ୍ତି ବଜାୟ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** କୌଣସି କାମରେ ମନ ଲାଗିବ ନାହିଁ। ମନରେ ବିରକ୍ତି ଭାବ ଲାଗି ରହିବ। ଅଳସୁଆମିରୁ କାର୍ଯ୍ୟ ନାଶ ହେବାର ସମ୍ଭାବନା। ଆୟ ଠାରୁ ବ୍ୟୟ ବଢ଼ିବ। ଘରେ ଶାନ୍ତି ପ୍ରାପ୍ତ ହେବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ରହିବ। କୌଣସି ସୁସମ୍ବାଦ ଲାଭ କରିବେ। ରୋଜଗାରର ପରିମାଣ ବଢ଼ିବ। ଶାରୀରିକ ଅସୁସ୍ଥତା ଅନୁଭବ ହେବ। ବନ୍ଧୁ ଦର୍ଶନର ସୂଚନା। ଭ୍ରମଣ ଯୋଗ ରହିଛି ।



**ମକର:** ବନ୍ଧୁ ସହଯୋଗ ଲାଭ କରି ନିଜର କୃତକର୍ମର ଜୟଯୁକ୍ତ ଲାଭ କରିବେ। ବନ୍ଧୁ ମିଳନ ତଥା ବନ୍ଧୁ ମତାନ୍ତରର ସୂଚନା। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଲାଭ ହେବ ।



**କୁମ୍ଭ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ। ଦୃଢ଼ ମନୋବଳ ଓ ସ୍ୱାଧିନ ଚେତା ପ୍ରବୃତ୍ତି କର୍ମ ପ୍ରାପ୍ତିର ଆଶଙ୍କା ଦୃଢ଼ କରିବ। ଆୟରେ ଅଗ୍ରଗତି ହେବ। ଘରେ ଶାନ୍ତି ଲାଭ। ଲୋକପ୍ରିୟତା ହାସଲ ହେବ ।



**ମୀନ:** ସମ୍ମାନ ଉପରେ ଆଞ୍ଚ ଆସିପାରେ। ଅଧିକ ପରିଶ୍ରମ ହେବ। କର୍ମକ୍ଷେତ୍ରରେ ଆଧିପତ୍ୟ ବିସ୍ତାର ବିପଦ ସୃଷ୍ଟି କରିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। କୁଟୁମ୍ବେ କଳହ ଯୋଗ ।

# ଠକେଇର ଶିକାର ହେଲେ ପ୍ରାଧାପକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରାଧାପକଙ୍କ କ୍ରେଡିଟ୍ କାର୍ଡରୁ ୯୫,୧୧୭ଟଙ୍କା ଗାଏବ କରି ନେଇଛନ୍ତି ଅନ୍‌ଲାଇନ୍ ଠକ। ପ୍ରାଧାପକ ଜଣକ ହେଉଛନ୍ତି ବାରିପଦା ଏମ୍‌ପିସି କନିଷ୍ଠ ମହାବିଦ୍ୟାଳୟର ଅଭୟ କୁମାର ନାୟକ । ଠକାମୀର ଶିକାର ପାଲଟିବା ପରେ ଶ୍ରୀ ନାୟକ ବାରିପଦା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନାରୁ ଜଣାପଡିଛି, ପ୍ରାଧାପକ ଶ୍ରୀ ନାୟକଙ୍କ ମୋବାଇଲ୍‌କୁ ଏକ ଆପ୍ଲିକେସନ୍‌ର ମେସେଜ୍ ଆସିଥିଲା। ଯାହାକୁ ସେ ଇନ୍‌ଷ୍ଟଲ କରିବା ପରେ କ୍ରେଡିଟ୍ କାର୍ଡରୁ ୨ଟି ପର୍ଯ୍ୟାୟରେ ୯୫,୧୧୭ ଟଙ୍କା ଗାଏବ ହୋଇଯାଇଥିଲା। ଏ ବାବଦରେ ଜାଣିବା ପରେ ଠକେଇକୁ ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୬।୧୦।୨୦୨୫, ଆଶ୍ୱିନ ଦି୩୦ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୪୧।୩୭ ଚନ୍ଦ୍ରୋଦୟ-ରାଘ୨।୦୨।୦୭**

**ଦଶମୀ**-ଦିଘ୧୦।୩୫ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ରାଶି-** ଦିଘ ୧୨।୪୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ଦିଘ ୧୨।୪୩ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୨।୪୩ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୦।୩୫ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଘ ୭।୧୭ ମଧ୍ୟେ । ସଂଘ ୬।୦୯ ଗତେ ରାଘ ୯।୨୮ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରାଜସ୍ୱ ବଳକାରେ ଓଡ଼ିଶା ଦେଶର ତୃତୀୟ

ଆର୍ଥିକ ପରିଚାଳନା କ୍ଷେତ୍ରରେ ସାରା ଦେଶ ପାଇଁ ଏକ ସଫଳ ମଡେଲ୍ ପାଲଟିଥିବା ଓଡ଼ିଶାକୁ ସିଏଜି ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ସିଏଜି ରାଜ୍ୟ ଫାଇନାନ୍ସ ଉପରେ ଏକ ରିପୋର୍ଟ ଜାରି କରିଛନ୍ତି, ଯେଉଁଥିରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ବଳକା କ୍ଷେତ୍ରରେ ଓଡ଼ିଶା ଦେଶର ତୃତୀୟ ସ୍ଥାନରେ ଥିବା ଦର୍ଶାଯାଇଛି। ତାଲିକାର ପ୍ରଥମ ସ୍ଥାନରେ ୩୭,୨୬୩ କୋଟି ଟଙ୍କା ରାଜସ୍ୱ ବଳକା ସହ ଉତ୍ତରପ୍ରଦେଶ ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଗୁଜରାଟ ଓ ଓଡ଼ିଶା ନାମ ରହିଛି। ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି ଟଙ୍କା ଥିବା ରିପୋର୍ଟରେ ଦର୍ଶାଯାଇଛି। ସିଏଜିଙ୍କ ରିପୋର୍ଟ କହୁଛି ଯେ ୨୦୨୨-୨୩ରେ ୧୬ଟି ରାଜ୍ୟ ରାଜସ୍ୱ ବଳକା ଏବଂ ୧୨ଟି ରାଜ୍ୟ ରାଜସ୍ୱ ନିଅଣ୍ଟିଆ ଥିଲେ। ରାଜସ୍ୱ ବଳକା ଥିବା ରାଜ୍ୟଗୁଡ଼ିକ କ୍ରମାନ୍ୱୟରେ ହେଉଛି ଉତ୍ତରପ୍ରଦେଶ, ଗୁଜରାଟ (୧୯,୮୬୫ କୋଟି ଟଙ୍କା), ଓଡ଼ିଶା, ଝାଡ଼ଖଣ୍ଡ (୧୩,୫୬୪ କୋଟି ଟଙ୍କା), କର୍ଣ୍ଣାଟକ (୧୩,୪୯୬ କୋଟି ଟଙ୍କା), ଛତିଶଗଡ଼ (୮୫୯୨ କୋଟି ଟଙ୍କା), ତେଲେଙ୍ଗାନା (୫୯୪୪ କୋଟି ଟଙ୍କା), ଉତ୍ତରାଖଣ୍ଡ (୫୩୧୦ କୋଟି ଟଙ୍କା), ମଧ୍ୟପ୍ରଦେଶ (୪୦୯୧ କୋଟି ଟଙ୍କା) ଏବଂ ଗୋଆ (୨୩୯୯ କୋଟି ଟଙ୍କା)। ଅନ୍ୟ ୨୨ଟି ରାଜ୍ୟର ମିଳିତ ରାଜସ୍ୱ ନିଅଣ୍ଟ ପରିମାଣ ୨,୨୨,୬୪୮ କୋଟି ଟଙ୍କା ଥିଲା। ରାଜସ୍ୱ ନିଅଣ୍ଟ ଭରଣା କରିବା ଲାଗି ୨୦୨୨-୨୩ରେ ୮୬,୨୦୧ କୋଟି ଟଙ୍କାର ଅର୍ଥ ଆୟୋଗ ଅନୁଦାନ ଦିଆଯାଇଥିଲା ଯାହା ମୋଟ୍ ରାଜସ୍ୱ ନିଅଣ୍ଟର ୩୯ ପ୍ରତିଶତ ଥିଲା। ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ହରିୟାଣା, ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ମେଘାଳୟ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଓ ପଶ୍ଚିମବଙ୍ଗ। ଏହି ରାଜ୍ୟଗୁଡ଼ିକର ସିଂହଭାଗ ରାଜସ୍ୱ ପ୍ରାପ୍ତିକୁ ରାଜସ୍ୱ ବ୍ୟୟ ଯଥା ବେତନ, ପେନ୍‌ସନ୍, ସୁଧ ଆଦି ଦେବାରେ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଦୁର୍ବଳ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ପୁଞ୍ଜି ବ୍ୟୟ ପାଇଁ ସେମାନଙ୍କ ପାଖରେ ପାଣ୍ଠି ରହୁନାହିଁ। ଫଳରେ ଭିତ୍ତିଭୂମି ବିକାଶ ଓ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବାରେ ଏହି ରାଜ୍ୟଗୁଡ଼ିକ ସଫଳ ହେଉନାହାନ୍ତି। ବିହାର, କେରଳ, ମେଘାଳୟ ଓ ମହାରାଷ୍ଟ୍ର ସରକାର ୯୦-୧୦୦ ପ୍ରତିଶତ ରାଜସ୍ୱକୁ ରାଜସ୍ୱ ବ୍ୟୟ ଆକାରରେ ବ୍ୟବହାର କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଏହି ହାର ୭୫-୮୦ ପ୍ରତିଶତ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲ୍ୟାଣ୍ଡ ଓ ତ୍ରିପୁରାକୁ ଅଧିକ ରାଜସ୍ୱ ନିଅଣ୍ଟ ଅନୁଦାନ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି।

# ବିଦେହୀର ବ୍ୟଥା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବିହାରର ଛପରା ଜିଲ୍ଲା ରାଜେନ୍ଦ୍ର କଲେଜର ଛାତ୍ର ଅଜିତ ବି.ଏସ୍.ସି. ଦ୍ୱିତୀୟ ଭାଗ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତ ହେଉଥିଲା। ତା'ର ବାପାଙ୍କ ନାମ ଥିଲା ଧର୍ମନାଥ। କଲେଜଠାରୁ ଏକ କିଲୋମିଟର ଦୂର ବ୍ରହ୍ମପୁର ଗ୍ରାମରେ ଓମ୍‌ପ୍ରକାଶ ନାମକ ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ସେ ରହୁଥିଲା। ତାହାର ବୟସ ଥିଲା ଆନୁମାନିକ ୨୨ ବର୍ଷ। ଅଜିତ ରହୁଥିବା ଘରର ବଖରାଟି ଥିଲା ଠିକ୍ ରାସ୍ତା କଡ଼ରେ। ଏହାର ପଛ ଆଡ଼କୁ ଥିବା ଅନ୍ୟ ୪ଟି ବଖରାରେ ଘର ମାଲିକ ଓମ୍‌ପ୍ରକାଶ ତାଙ୍କ ପରିବାର ସହ ରହୁଥିଲେ। ଏହି ପରୀକ୍ଷା ପାଇଁ ଅଜିତ ବହୁ ପରିଶ୍ରମ କରୁଥିଲା। ପ୍ରଥମ ଦିନ ପରୀକ୍ଷାରେ ଅଜିତ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଖୁସି ମନରେ ଫେରି ଆସିଥିଲା। ଏହିଦିନ ସମ୍ଭବତଃ ଥିଲା ମେ' ମାସର ପ୍ରଥମ ଦିନ। ଦିନ ପ୍ରାୟ ୨ଟା। ଭୀଷଣ ଖରା ସହ ଗରମ ପବନ ବହୁଥିଲା। ଅଜିତ ରାସ୍ତା କଡ଼ରେ ଥିବା ଗଛଗୁଡ଼ିକର ତଳେ ଚାଲି ଚାଲି ଆସୁଥିଲା। କିଛି ଦୂର ଯିବା ପରେ ଶ୍ରୀରାମ ମନ୍ଦିର ନିକଟରେ କେହି ଜଣେ ଅତି ଲଳିତ କଣ୍ଠରେ ଡାକିଲା 'ଶୁଣ'। ଅଜିତ ଚମକି ପଡ଼ି ପଛକୁ ଫେରି ଚାହେଁ ତ ଦେଖିଲା କିଛି ଦୂରରେ ଏକ ସୁନ୍ଦରୀ ଯୁବତୀ ତାହାରି ଆଡ଼କୁ ଚାହିଁ ଠିଆ ହୋଇଛି। ଅଜିତ ଠିଆ ହେବାପରେ ଯୁବତୀଟି ତା' ନିକଟକୁ ଆସି କହିଲା, "ତୁମେ ମୋତେ ଚିହ୍ନିପାରୁଛ?" ଅଜିତ ତତ୍‌କ୍ଷଣାତ କହିଲା, "ତୁମେ ରୂପା ତ? ହଉ ଚାଲ, ବାଟ ଚାଲି କଥା ହେବା" କହି ଅଜିତ ଆଗେଇବା ସହ ରୂପା ମଧ୍ୟ ତା'ର ପଛେ ପଛେ ଚାଲିଲା।

ରୂପା- "ତୁମେ ଗାଁକୁ ଯାଇନାହଁ?"

ଅଜିତ- "ନା, ତୁମେ କେବେ ଗାଁରୁ ଆସିଲ?"

ରୂପା- "କାଲି ରାତିରେ।"

ଅଜିତ- "ତୁମ ସାଥିରେ ଆଉ କିଏ ଆସିଛନ୍ତି?"

ରୂପା- "ନା, ମୁଁ ଏକା ଆସିଛି।"

ଅଜିତ- "ଏକଲା?"

ରୂପା- ହଁ, ଏକଲା, ଘରେ କଳିଗୋଳ ହେବାରୁ ମୁଁ ଚାଲିଆସିଛି।"

ଅଜିତ- "ଏଠାରେ କେଉଁଠି ରହିବ"।

ରୂପା- "ମାଉସୀଙ୍କ ଘରେ।"

ଅଜିତ- "ମାଉସୀଙ୍କୁ ଆଗରୁ କହିଛ?"

ରୂପା- "କହିବି କ'ଣ?" ତାଙ୍କରି ପାଖେ ରହିବା ପାଇଁ ତ ଆସିଛି। କ'ଣ କରିବି, ଘରେ ମୋର ସାବତ ମା' ମୋତେ ବଡ଼ ହଇରାଣ କରୁଛି।"

ଅଜିତ- "ତୁମେ ସତରେ ଘର ଛାଡ଼ି ଦେଇ ଆସିଛ?"

ରୂପା- "ମୁଁ ତ ମାଉସୀଙ୍କ ପାଖକୁ ଯାଉଛି କହି ଆସିଛି।"

ଅଜିତ- "ମାଉସୀ କେଉଁଠାରେ ରହୁଛନ୍ତି?"

ରୂପା- "ଏହି ଗୁଦ୍‌ରୀ ବଜାର ପାଖରେ ତାଙ୍କର ଘର।"

ଉଭୟେ ଚାଲୁ ଚାଲୁ ବ୍ରହ୍ମପୁର ଛକ ଆସିଲା ଓ ଅଜିତ ରୂପାକୁ ବିଦାୟ ଦେଇ ନିଜ କୋଠରିକୁ ଚାଲିଗଲା।

ରୂପା ହେଉଛି ଅଜିତ ଗାଁର ସେଠ୍ ସୀତାରାମ କେଶରୀଙ୍କର ଝିଅ। ସେ ପିଲାଦିନରୁ ରୂପାକୁ ଭଲ ପାଉଥିଲା। କେବେ ଛୁଟିରେ ଗାଁକୁ ଗଲେ ଉଭୟଙ୍କର ଦେଖାହେଉଥିଲା। ଏକାନ୍ତରେ ଦୁଇଜଣ ପରସ୍ପରକୁ ଭେଟୁଥିଲେ। ଦୁଇଜଣଙ୍କର ଆଖି ଏକାଠି ହୋଇଗଲେ ଜଣେ ଅନ୍ୟ ଆଡ଼େ ଆଖି ଫେରାଇ ନେଉଥିଲା।

ସେ ଦିନ ରାତିରେ ବହୁତ ବର୍ଷା ହେଉଥିଲା। ବର୍ଷା ସାଙ୍ଗକୁ ବହୁଥିଲା କୋହଲା ପବନ। ବିଜୁଳି ଘଡ଼ଘଡ଼ିରେ ଚମକି ଉଠୁଥିଲା ଆକାଶ। ଅଜିତ ପାଣି ଓ ପବନ ଦାଉରୁ ନିଜ ଶୋଇବା ଘରର ଝରକା ଓ କବାଟ ସବୁ ବନ୍ଦ କରି ଦ୍ୱିତୀୟ ଦିନର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲା। ଏତିକିବେଳେ ଦରଜାରେ କେହି ଜଣେ ଠକ୍ ଠକ୍ କରୁଥିବାର ଶବ୍ଦ ସେ ଶୁଣିବାକୁ ପାଇଲା। ପବନରେ କବାଟ ସେପରି ହେଉଥିବାର ମନେ କରି ଅଜିତ ତାର ବହି ପଢ଼ିଚାଲିଥିଲା। ମାତ୍ର କବାଟ ଠକ୍ ଠକ୍ ଶବ୍ଦ ଜୋର୍‌ରେ ହେବାରୁ ଅଜିତ ଖୋଲି ଦେଖେ ତ ପରିଚିତ ରାମ ରିକ୍ସାବାଲା ଓଦାରେ ଜୁଡୁଜୁଡୁ ହୋଇ ଠିଆ ହୋଇଛି। ରିକ୍ସାରୁ ରୂପା ଓହ୍ଲାଇ କୋଠରିରେ ପଶିଗଲା। ଏଥିରେ ଚକିତ ହୋଇପଡ଼ିଲା ଅଜିତ। ଏତେ ରାତିରେ କାହିଁକି ଆସିଲ ବୋଲି ସେ ରୂପାକୁ ପଚାରିଲା।

ରୂପା କହିଲା, "କ'ଣ କରିବି, ଏକୁଟିଆ ଭଲ ଲାଗିଲା ନାହିଁ। ମାଉସୀଙ୍କୁ କହି ଚାଲି ଆସିଲି।" କାଲି ପରା ତୁମ ପରୀକ୍ଷା? ଅଜିତ, କହିଲା, "ହଁ, ମୁଁ କାଲି ପାଇଁ ପଢୁଛି। ବର୍ତ୍ତମାନ ମୋର ପଢ଼ିବା ଅତି ଜରୁରୀ। ମୁଁ ତୁମକୁ କ'ଣ ବା କହିବି।" ରୂପା କହିଲା, "ମୁଁ ବେଶି ସମୟ ରହିବି ନାହିଁ। ବହୁତ ଦିନରୁ ତୁମର ମିଳନ ଚାହୁଁଥିଲି।" ଏହା କହି ରୂପା ଅଜିତର ଗଳାରେ ବାହୁ ଛନ୍ଦି ଦେଲା। ଅଜିତର ସର୍ବାଙ୍ଗ ଅପୂର୍ବ ଶିହରଣରେ କମ୍ପି ଉଠିଲା। ମୁଁ ମଧ୍ୟ ତୁମକୁ ଚାହୁଁଥିଲି କହି ଅଜିତ ରୂପାକୁ କୋଳକୁ ନେଲା ଓ ତା'ର ଓଠ ଉପରେ ନିଜର ଓଠକୁ ରଖିଲା।

ଏପରି କିଛି ସମୟ ରହିବା ପରେ ରୂପା ଚାଲିଗଲା ଓ ଅଜିତ ଶୋଇପଡ଼ିଲା। ପରଦିନ ସକାଳ ଆଠଟା ବାଜିଲା ପରେ ଅଜିତ ଉଠିଲା। ଗତ ରାତ୍ରିରେ ପଢ଼ାପଢ଼ି କରି ନଥିବାରୁ ନିଜେ ବଡ଼ ଅନୁତାପ କଲା। ପରୀକ୍ଷାକୁ ଯେକୌଣସି ମତେ ଯିବାକୁ ପଡ଼ିବ। ଏଣୁ ନିତ୍ୟକର୍ମ ସାରି ପରୀକ୍ଷା ଦେବା ନିମନ୍ତେ କଲେଜକୁ ଚାଲିଗଲା।

ପରୀକ୍ଷା ସାରି ହଲ୍‌ରୁ ବାହାରି ଆସିବାବେଳେ ଅଜିତ ପ୍ରସନ୍ନ ଦେଖାଯାଉଥିଲା। ଗତ ପେପର ଭଳି ଆଜିର ପେପର ମଧ୍ୟ ଭଲ ହୋଇଥିବାରୁ ସେ ଆଶ୍ୱସ୍ତ ହେଲା। ଗତକାଲି ରାତିରେ ପାଠ ନପଢ଼ିବାରୁ ବିଶେଷ କିଛି କ୍ଷତି ହେଲାନାହିଁ। ରୂପା ପୂର୍ବ ଭଳି ପୁଣି ତାର କୋଠରିରେ ପହଞ୍ଚିଗଲା।

ରୂପା- "ତୁମର ପେପର ଭଲ ହୋଇଛି?"

ଅଜିତ- "ବହୁତ ଭଲ ହୋଇଛି। ମୁଁ ଡରୁଥିଲି ଯେପରି ଖରାପ ହୋଇଯିବ।"

ଏହିପରି ପ୍ରତି ରାତିରେ ରୂପା ଆସେ। ଅଜିତ ସହ ରାତି କଟାଏ। ମାତ୍ର ଅଜିତ ଦେଉଥିବା ପରୀକ୍ଷାର କୌଣସି ପେପର ଖରାପ ହୁଏନାହିଁ। କେବଳ ଗୋଟିଏ ପେପର ବାକି ଅଛି। ତା'ର ପୂର୍ବଦିନ ରାତିରେ ରୂପା ତାକୁ କହିଲା, "ତୁମର କାଲି ପରୀକ୍ଷା ଶେଷ ହେଉଛି। ତୁମେ କ'ଣ ଗାଁକୁ ଫେରିଯିବ?"

ଅଜିତ- "ତୁମକୁ ଛାଡ଼ି ଗାଁକୁ ଯିବାକୁ ଇଚ୍ଛା ନାହିଁ।"

ରୂପା- "ମୋତେ ମିଛ କହୁଛ। ଗାଁକୁ ଯିବାକୁ ତୁମର ସମସ୍ତ ଜିନିଷ ବାନ୍ଧି ସାରିଲଣି?"

ଅଜିତ- "ତୁମେ କେବେ ଗାଁକୁ ଯିବ?"

ରୂପା- "ମୁଁ ମୋ ବାପାଙ୍କ ଘରେ ପାଦ ଦେବି ନାହିଁ ବୋଲି କହିଛି।"

ଅଜିତ- "ମୋତେ ତ ଯିବାକୁ ପଡ଼ିବ। ତେବେ ମୁଁ ଗଲାପରେ ପ୍ରଥମେ ଚିଠି ଲେଖିବି ଓ ତା' ପରେ ତୁମେ ଚିଠି ଦେବ।"

ପରଦିନ ଅଜିତ ଗାଁକୁ ଚାଲିଗଲା। ତାକୁ ଗାଁରେ ସମସ୍ତେ ଦେଖି ଖୁସି ହେଲେ। ରାତି ହେଲା। ଅଜିତ ଗାଁରେ ଥିବା ତା'ର କୋଠରିରେ ଶୋଇପଡ଼ିଲା। ଠିକ୍ ଅଧ ରାତି ବେଳକୁ ତା'ର ନିଦ ଭାଙ୍ଗିଗଲା। ଦେଖେ ତ ରୂପା ତା'ର ଖଟ ପାଖରେ ଠିଆ ହୋଇ ହସୁଛି।

ଅଜିତ- "ତୁମେ କେତେବେଳେ ଆସିଲ? ତୁମେ ପରା ଆସିବ ନାହିଁ ବୋଲି କହୁଥିଲ?"

ରୂପା- "ତୁମେ ଆସିଲାରୁ ମୁଁ ତୁମ ପଛେ ପଛେ ଚାଲିଆସିଲି। ତୁମେ କାହିଁକି ଘାବରା ହେଉଛ।"

ଅଜିତ- "ରୂପା! ଲୋକେ ଜାଣିଲେ କ'ଣ କହିବେ?"

ରୂପା- "କ'ଣ ହେବ, ଆମେ ବିବାହ କରିଯିବା।"

ଅଜିତ- "ରୂପା।"

ରୂପା- "ମୁଁ କିଛି ଶୁଣିବି ନାହିଁ କି ତୁମକୁ ଛାଡ଼ିବି ନାହିଁ।"

ଏହା କହି ଅଜିତର ଗଳାରେ ହାତ ଛନ୍ଦି ଦେଇ ଓହଳି ପଡ଼ିଲା।

ଅଜିତ ବ୍ୟସ୍ତ ହୋଇ ଦରଜା ବନ୍ଦ କରିବା ପାଇଁ ଗଲା। ମାତ୍ର ଦେଖିଲା ଦରଜା ପୂର୍ବ ଭଳି ବନ୍ଦ ରହିଛି।

ଅଜିତ- "ରୂପା! ଦରଜା ବନ୍ଦ ରହିଛି। ତୁମେ କେମିତି ଆସିଲ?"

ରୂପା- "ମୁଁ ଯେକୌଣସି ଜାଗାକୁ ଯାଆ ଆସ କରିପାରିବି। ମୋତେ କେହି ରୋକିପାରିବେ ନାହିଁ। ତୁମେ କାଲି ସବୁ ଜାଣିବ। ବ୍ୟସ୍ତ ହୁଅନାହିଁ। ମୁଁ ତୁମକୁ ପ୍ରେମ କରୁଛି। ତୁମ ବିନା ମୁଁ ଦିନେହେଲେ ରହିପାରିବି ନାହିଁ।"

ରୂପା ଚାଲିଗଲା। ଅଜିତ ଖଟ ଉପରେ ଶୋଇପଡ଼ିଲା। ମାତ୍ର ତାକୁ ନିଦ ହେଲାନାହିଁ। ରୂପାର କଥା ଓ ତା' ଆସିବା ରହସ୍ୟ ତାକୁ ବଡ଼ ବ୍ୟସ୍ତ କଲା। ସକାଳ ହେଲା। ଅଜିତ ଶେଯରୁ ଉଠି ନିତ୍ୟକର୍ମ ସାରି ରୂପାର ଘରକୁ ଗଲା। ରୂପାର ବାପା ସେଠ୍ ସୀତାରାମ ସେତେବେଳେ ବାହାର ଦାଣ୍ଡରେ ବସିଥିଲେ। ଅଜିତକୁ ଦେଖି ବହୁ ଖୁସି ହୋଇ ତାକୁ ଚାହା ପିଇବା ପାଇଁ କହିଲେ। ଅଜିତ କହିଲା ଯେ ସେ ଜଳଖିଆ ଓ ଚାହା ଆଗରୁ ଖାଇଛି। ମାତ୍ର ସେଠ୍‌ଜୀ ତାର କଥାକୁ ଗ୍ରହଣ ନକରି ଡାକିଲେ, "ରୂପାର ମା'! ଅଜିତ ଆସିଛି ଦୁଇ କପ୍ ଚା ଆଣ।" ଆପଣ ଖୁଡ଼ୀଙ୍କୁ କାହିଁକି କଷ୍ଟ ଦେଉଛନ୍ତି। ରୂପା କୁଆଡ଼େ ଗଲା। ଅଳସେଇ ଦିନ ଆଠଟା ପର୍ଯ୍ୟନ୍ତ ଶୋଇ ରହିଛି- ଅଜିତ କହିଲା।

ଏହି କଥା ଶୁଣି ସେଠ୍‌ଜୀ କାନ୍ଦି ଉଠିଲେ। ତାଙ୍କର ଆଖିରୁ ଦୁଇଧାର ଲୁହ ବୋହିଗଲା। ଅଶ୍ରୁଳ ଆଖିରେ ଅଜିତକୁ ଚାହିଁ କହିଲେ, "ପୁଅ! ରୂପା ଛଅମାସ ହେଲା ମରିଗଲାଣି।" ଏକଥା ଶୁଣି ଅଜିତ ଚମକି ଉଠିଲା। କହିଲା, "କ'ଣ?" ହଁ ପୁଅ! ରୂପା ମୋତେ ଛାଡ଼ି ୬ମାସ ପୂର୍ବରୁ ମରିଯାଇଛି। ଗୋଟିଏ ଦିନ ସେ ଆସିଲା। ତାକୁ ସେତେବେଳେ ଭାରି ଜ୍ୱର। ସେହି ଜ୍ୱର କମାଇବାକୁ ବହୁ ବ୍ୟବସ୍ଥା କରାଗଲା। ମାତ୍ର ୦୬.୧୨.୧୯୭୧ର ରାତିରେ ରୂପା ଆମକୁ ଛାଡ଼ି ଚାଲିଗଲା- ସେଠ୍‌ଜୀ କହିଲେ।

ଅଜିତର ଛାତି ଥରି ଉଠିଲା। ଅଜିତ ପଚାରିଲା, "ରୂପାର କୌଣସି ମାଉସୀ ଅଛନ୍ତି କି?" "ନାହିଁ ତ!" ସେଠ୍‌ଜୀ କହିଲେ।

ଏହା ଶୁଣି ଅଜିତର ମୁଣ୍ଡ ବୁଲାଇଗଲା। "ତେବେ ଏ କ'ଣ? ରୂପା ମଲା ପରେ କିପରି ଆସୁଛି।" ଏହି ପ୍ରଶ୍ନ ତାର ମନରେ ବାରଂବାର ଆସିଲା। ସେଠ୍‌ଜୀଙ୍କ ଘରେ କ୍ଷଣେ ମାତ୍ର ଆଉ ନରହି ସେ ସିଧା ନିଜ ଘରକୁ ଫେରି ଆସିଲା।

ରାତି ହେଲା। ଠିକ୍ ଅଧରାତିରେ ରୂପା ଆସି ପହଞ୍ଚିଗଲା। ରୂପାକୁ ଦେଖି ଅଜିତର ଛାତି ଥରି ଉଠିଲା। ଭୟରେ ସେ ଜଡ଼ ପାଲଟି ଗଲା।

ରୂପା- "ଅଜିତ! ଏବେ ସବୁ ଜାଣିଲା ପରେ ତୁମକୁ କାହିଁକି ଭୟ ଲାଗୁଛି। ଆଗରୁ ତ ଏପରି ନଥିଲ। ତୁମେ ଡର ନାହିଁ। ମୁଁ ତୁମର ଆଜ୍ଞାକାରିଣୀ ସେବିକା। ବଞ୍ଚିଥିବାବେଳେ ମୋତେ ପାଇପାରିଲ ନାହିଁ। ମୁଁ ମଲା ପରେ ତ ମୋତେ ପାଇଛ। ମୁଁ ତୁମକୁ କେବେହେଲେ ଠକିବି ନାହିଁ।"

ଏହା କହି ରୂପା ଅଜିତର ଗଳାରେ ବାହୁଛନ୍ଦି ଓହଳି ଗଲା। ଅଜିତ ଭୟ ଛାଡ଼ି ପୂର୍ବ ଭଳି ତାକୁ ଗ୍ରହଣ କଲା।

ଏହାପରେ ଅଜିତର ମାନସିକ ଅବସ୍ଥା ବଦଳିଗଲା। ଏଣିକି ପ୍ରତିଦିନ ରାତିରେ ରୂପା ସହ ଅଜିତ ରାତି କଟାଉଥିଲା। ଦିନେ ତାହାର ମା' ପରିସ୍ରା କରିବା ନିମନ୍ତେ ବାହାରକୁ ଉଠି ଅଜିତର କୋଠରି ମଧ୍ୟରେ ଅଜିତ ଓ କୌଣସି ଅପରିଚିତା ସ୍ତ୍ରୀ ଲୋକର କଣ୍ଠସ୍ୱର ଶୁଣିବାକୁ ପାଇଲେ। ସେହି କୋଠରି ଦରଜା ନିକଟରେ କାନ ରଖି ସେ ପରିଷ୍କାର ଭାବରେ ସବୁ କଥା ଶୁଣିଲେ। ଏଥିରୁ ଭଲ ଭାବେ ଜଣାପଡ଼ିଲା ଯେ ଅଜିତ କୌଣସି ଝିଅ ସହିତ ପ୍ରେମାଳାପ କରୁଛି। ମା' ଏକଥା ଅଜିତର ବାପାଙ୍କୁ ଯାଇ କହିଲେ। ବାପା ମଧ୍ୟ ଆସି ରୂପା ଓ ଅଜିତର ସମସ୍ତ କଥା ଶୁଣିଲେ। ତାହାର ବାପା ଏହାଶୁଣି ବଡ଼ କ୍ରୋଧରେ ପାଟି କରି ଉଠିଲେ। ଅଜିତ ଦ୍ୱାରରେ ହାତ ବାଡ଼େଇ କବାଟ ଫିଟାଇବାକୁ କହିଲେ ଓ ଏକଥା ଶୁଣି ଅଜିତ ବି ବଡ଼ ଭୟ ପାଇଲା। ଏହା ଦେଖି ରୂପା କହିଲା, "ତୁମେ କବାଟ ଖୋଲ। ମୋତେ କେହି ଦେଖିପାରିବେ ନାହିଁ।" ତାହା ହିଁ ହେଲା। ଅଜିତ କବାଟ ଖୋଲିଲା। ବାପା ଓ ମା' ଉଭୟେ ଘର ଭିତରକୁ ଆସି ଦେଖିଲେ ଯେ କେହି ନାହିଁ। ସେମାନେ ଘରର ସବୁଆଡ଼ ତନ୍ନତନ୍ନ କରି ଖୋଜିଲେ। ମାତ୍ର କାହାକୁ ପାଇଲେ ନାହିଁ। ବଡ଼ ଚିନ୍ତିତ ମନରେ ସେମାନେ ଫେରିଗଲେ। ଅନ୍ୟ ଦିନ ରାତିରେ ମଧ୍ୟ ସେମାନେ ସେହିଭଳି ଚେଷ୍ଟା କରି ସେହି ଝିଅଟିକୁ ଧରିପାରିଲେ ନାହିଁ। ଅଜିତକୁ ପଚାରିଲେ ମଧ୍ୟ ସେ କିଛି କହିଲା ନାହିଁ। ସେମାନେ ବଡ଼ ହତାଶ ମନରେ ଚୁପ୍ ହୋଇ ରହିଲେ। ଗାଁର ପଡ଼ୋଶୀମାନେ ମଧ୍ୟ ଏକଥା ଜାଣିଲେ। ମାତ୍ର କେହି ଏହାର ସଠିକତା ଠଉରାଇ ପାରିଲେ ନାହିଁ।

ଗୋଟିଏ ଦିନ ଗାଁର ବିଜୟ ନାମରେ ଜଣେ ଯୁବକ ଅଜିତ ପାଖକୁ ଆସି ତାକୁ ଏହାର ଘଟଣା ପଚାରିଲା। ଅଜିତ ଏହା ଶୁଣି କହିଲା- କ'ଣ ଗୁଡ଼ାଏ ଗପୁଛୁ ତୋର ଦିମାକ୍ କ'ଣ ଖରାପ ହୋଇଗଲାଣି?

ବିଜୟ- "ମୋର ଦିମାଗ୍ ଖରାପ ହୋଇନି ଯେ ତୋର ହୋଇଛି। ତୁ ବର୍ତ୍ତମାନ ଦର୍ପଣରେ ନିଜକୁ ଦେଖେ ଯେ କ'ଣ ହୋଇଛୁ?"

ଏହା ଶୁଣି ଅଜିତ କୋଠରିରୁ ବାହାରି ଆସି ବିଜୟର ହାତ ଧରି କହିଲା, "ଶଳା, ମୋ ନାମରେ ପ୍ରଚାର କରୁଛୁ ଯେ ମୁଁ ରାତିରେ ଝିଅ ରଖି ପ୍ରେମ କରୁଛି? ଏପରି ଯଦି ପୁଣି କହିବୁ ତେବେ ଦେଖିବୁ।"

ଗାଁ ଲୋକେ ଦୁହିଁଙ୍କୁ କଳିରୁ ନିବୃତ୍ତ କରାଇଲେ। ବିଜୟ କହିଲା ଯେ ତୋର ଭାଣ୍ଡାମି ମୁଁ ଅଳ୍ପଦିନରେ ଛଡ଼ାଇ ଦେଉଛି। ସେହି ରାତିରେ ଯେତେବେଳେ ରୂପା ଆସେ ଅଜିତ ବିଜୟର ଧମକ କଥା ତାକୁ କହିଲା। ରୂପା କହିଲା- ତୁମେ କିଛି ଚିନ୍ତା କରନାହିଁ। ମୁଁ ତାର ପ୍ରତିକାର କରୁଛି। ଏହାପରେ ବିଜୟ ଘରେ ରାତିରେ ଇଟା ବୃଷ୍ଟି ହେବାରେ ଲାଗିଲା। ଦିନେ ବିଜୟ ରାତିରେ ଶୋଇଛି ତାହାର ଲୁଗାରେ ନିଆଁ ଲାଗିଗଲା। ତା' ପରେ ତାହାର ଘରେ ରହିଥିବା ଅନ୍ୟ ଲୁଗାଗୁଡ଼ିକରେ ମଧ୍ୟ ନିଆଁ ଲାଗିଯାଉଥିଲା। ନିଆଁ ଲିଭାରେ ଘରର ଲୋକମାନେ ସବୁବେଳେ ବ୍ୟସ୍ତ ହୋଇପଡ଼ିଲେ।

ଦିନେ ରାତିରେ ବିଜୟ ନିଜର ସ୍ତ୍ରୀ ପାଖରେ ଶୋଇଛି ହଠାତ୍ ପାଟି କରି ଉଠିଲା, "ମୋତେ ଛାଡ଼ି ଦିଅ। ମୁଁ ତୁମ କଥା କେଉଁଠି କହିବି ନାହିଁ। ଅଜିତକୁ ମୁଁ କ୍ଷମା ମାଗୁଛି।" ବିଜୟର ପତ୍ନୀ ଉଠିପଡ଼ିଲା ଓ ଦେଖିଲା ନାକରୁ ଖର ନିଶ୍ୱାସ ପ୍ରଶ୍ୱାସ ବୋହୁଛି। ତାହାର ପିତା ମାତା ଓ ପରିବାରର ଅନ୍ୟ ଲୋକମାନେ ବି ଉଠିପଡ଼ିଲେ। ବିଜୟ କେବଳ କହୁଥାଏ, "ମୋତେ ଛାଡ଼ିଦିଅ। ମୁଁ ଅଜିତକୁ କ୍ଷମା ମାଗୁଛି। ମୋତେ କ୍ଷମା କରିଦିଅ।" କିଛି ସମୟ ପରେ ତାହାର ଚେତା ଚାଲିଗଲା। ମୁହଁରେ ପାଣି ଛାଟିବାରୁ ପୁଣି ଚେତା ଫେରିଆସିଲା। ମାତ୍ର ସେ କେବଳ ଶୂନ୍ୟକୁ ଚାହୁଁଥିଲା। ବିଜୟର ବଡ଼ ଭାଇ ମିଥିଳେଶ ସିଂହ ଯାହାର କି ବଜାରରେ ଗୋଟିଏ କଲମ ଦୋକାନ ଥିଲା ସେ ଆସି ଦେଖିଲା ଯେ ବିଜୟ ପଲଙ୍କ ଉପରେ ପଡ଼ି ଛଟପଟ ହେଉଛି। ମିଥିଳେଶ ଡାକ୍ତରଙ୍କୁ ଡକାଇବା ପାଇଁ ଚାଲିଗଲା। ଡାକ୍ତର ଆସି ବିଜୟକୁ ନିଦ ଇନ୍‌ଜେକ୍‌ସନ୍ ଦେଇ ଚାଲିଗଲେ। କିଛିଦିନ ପର୍ଯ୍ୟନ୍ତ ବିଜୟର ଏହିଭଳି ହେଲା। ଏଥିରେ ଘରର ସମସ୍ତ ଲୋକେ ଭୟଭୀତ ହୋଇପଡ଼ିଲେ। ଶେଷରେ ମିଥିଳେଶ ଅଜିତର ଘରକୁ ଗଲା ଓ ତାକୁ ବିଜୟର ସବୁ ହାଲ୍ କହିଲା। ମିଥିଳେଶର କଥା ଶୁଣିବା ପରେ ଅଜିତ ସବୁ ଜାଣିଗଲା। ସେ ମିଥିଳେଶ ସହିତ ବିଜୟ ପାଖକୁ ଗଲା। ବିଜୟର ହାତ ଧରି କହିଲା, "ବିଜୟ, ବିଜୟ ତୋର କ'ଣ ହୋଇଛି।" ବିଜୟ ଅଜିତକୁ ଦେଖି କାନ୍ଦିପକାଇଲା ଓ ତା'ର ଗୋଡ଼ ଧରି କହିଲା, "ଭାଇ ମୋତେ କ୍ଷମା କର ମୋର ଭୁଲ ହୋଇଯାଇଛି।" ଅଜିତ ବିଜୟର ହାତ ଧରି କହିଲା, "କିଛି ଚିନ୍ତା ନାହିଁ। ସବୁ ଠିକ୍ ହୋଇଯିବ। ତୁ ଯାଇ ଗାଧୋଇ ପଡ଼।" ଏହା ପରେ ବିଜୟର ଆଉ କିଛି ହୋଇନାହିଁ।

ଏହି କଥା ଗାଁ ସାରା ଚର୍ଚ୍ଚା ହେଲା। ଅଜିତର ମା' ଓ ବାପା ଅଜିତକୁ ସମସ୍ତ କଥା ପଚାରିଲେ। ଶେଷରେ ଅଜିତ ସବୁ କଥା କହିଗଲା। ଏହାପରେ ତାର ବାପା ତାକୁ ନେଇ ବହୁ ତାନ୍ତ୍ରିକଙ୍କୁ ଦେଖାଇଲେ। ସେମାନେ ଯେତେ ଉପଚାର କଲେ ମଧ୍ୟ କିଛି ଫଳ ହେଲାନାହିଁ। ରୂପା ଅଜିତକୁ କେବେହେଲେ ଛାଡ଼ି ଗଲାନାହିଁ।

ଦିନେ ଅଜିତକୁ ଭାରି ଜର ହେଲା ଓ ସେହିଦିନଠାରୁ ୨ମାସ ପର୍ଯ୍ୟନ୍ତ ସେ ସେହି ବେମାରରେ ପଡ଼ିଲା। କୌଣସି ଡାକ୍ତରୀ ଚିକିତ୍ସାରେ ତାହା ଆଦୌ ଭଲ ହେଲାନାହିଁ ଓ ଶେଷରେ ସେ ମରିଗଲା।

କମଳେଶ ଓ ବିଜୟ ଏବେ ବଞ୍ଚିଛନ୍ତି। ଗାଁ ସାରା ଏକଥା ଜାଣନ୍ତି। ରହସ୍ୟମୟ ଦୁନିଆର ରହସ୍ୟ କେହି ବୁଝିପାରିନାହାନ୍ତି। ସ୍ରଷ୍ଟାଙ୍କ ସୃଷ୍ଟିର ରହସ୍ୟକୁ ଭେଦ କରିବା ସାଧାରଣଙ୍କ ପକ୍ଷରେ ଆଦୌ ସହଜ ନୁହେଁ। ସେହି ଲୀଳାମୟଙ୍କ ଲୀଳାକୁ ପ୍ରଣାମ କରିବା ବ୍ୟତୀତ ଆଉ କିଛି କହିହେବନାହିଁ।

# ସଙ୍କୀର୍ତ୍ତନରେ ଉଗ୍ର ଆଧୁନିକତା

ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ
ବି.ଏନ.ଏମ.ଏ
ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

ସ୍ରଷ୍ଟାଙ୍କର ବିଚିତ୍ର ସୃଷ୍ଟିକୁ ଅନୁଭବ କରିବାପାଇଁ ମଣିଷ କେଉଁ ପ୍ରାଚୀନ କାଳରୁ ତାର ପ୍ରୟାସ ଆରମ୍ଭ କରିଛି ତାର ହିସାବ ନାହିଁ। । ବିଭୁକୃପା ପାଇଁ ମନ୍ଦିର ପୀଠରୁ ମଠ-ଆଶ୍ରମ ସବୁଠୁ ଭିଡ଼। ପଥର, ମାଟି ଓ ଅନ୍ୟାନ୍ୟ ଧାତୁନିର୍ମିତ ମୂର୍ତ୍ତିରେ ଭଗବାନଙ୍କୁ ଖୋଜିବାରେ ଓ ତାଙ୍କ ପ୍ରେମରେ ହଜିବାରେ ଆନନ୍ଦ ନିଆରା। ଭକ୍ତି ହିଁ ଭଗବାନ ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ ବୋଲି ମୁନିଋଷିମାନେ ନିଜସ୍ୱ ଅନୁଭୂତି ରଖିଛନ୍ତି। ଭକ୍ତି ଯୋଗରୁ ଭକ୍ତ ଆନ୍ଦୋଳନର ସୃଷ୍ଟି। ଭକ୍ତି ଆନ୍ଦୋଳନର ପ୍ରମୁଖ ଭାବେ ଶ୍ରୀ ଚୈତନ୍ୟ ଦେବ ଭାରତର ପୁରପଲ୍ଲୀରେ ପରିଚିତ। ଭାଗବତ ଗୀତା ଅନୁସାରେ ସୃଷ୍ଟିର ରହସ୍ୟ ଏବଂ ଈଶ୍ୱରପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ମନୁଷ୍ୟ ମୁଖ୍ୟତଃ ତିନୋଟି ମାର୍ଗ ଅନୁସରଣ କରିବା ଉଚିତ୍: କର୍ମ ଯୋଗ, ଜ୍ଞାନ ଯୋଗ ଏବଂ ଭକ୍ତି ଯୋଗ । କର୍ମ ଓ ଜ୍ଞାନ ଯୋଗର ଉର୍ଦ୍ଧ୍ୱରେ ଭକ୍ତିଯୋଗ ଅର୍ଥାତ ଭକ୍ତି ହିଁ ଈଶ୍ୱର ପ୍ରାପ୍ତିର ସର୍ବଶ୍ରେଷ୍ଠମାର୍ଗ। ଭକ୍ତିର ଅର୍ଥ ସମର୍ପଣ ଏବଂ ସମର୍ପଣ ହିଁ ଭକ୍ତିର ଉପଯୁକ୍ତ ପଥ। ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ବାରମ୍ବାର ଗୋଟିଏ କଥା କହିଛନ୍ତି: ମାମେକମ୍ ଶରଣମ୍ ବ୍ରଜ। ହେ ଅର୍ଜୁନ ତୁମେ ଯେତେ ଯାହା କରନା କାହିଁକି ଶେଷରେ ମୋ ନିକଟରେ ଆତ୍ମସମର୍ପଣ କର। ଦୁନିଆରେ ଆତ୍ମସମର୍ପଣଠାରୁ ଶ୍ରେଷ୍ଠଭକ୍ତି ଆଉ କିଛିନାହିଁ। ତେବେ ପ୍ରଶ୍ନଉଠେ ବାସ୍ତବରେ ଆତ୍ମସମର୍ପଣ କ'ଣ? ସର୍ବଶକ୍ତିମାନ ସ୍ରଷ୍ଟା ନିକଟରେ ନିଜର ଅସ୍ତିତ୍ୱକୁ ହଜେଇଦେବା। ଭୋଗର ଦୁନିଆରୁ ନିଜକୁ ନିବୃତ୍ତ କରି ତ୍ୟାଗର ଜଗତରେ ନିଜକୁ ହଜେଇଦେବା। ଆତ୍ମଶୁଦ୍ଧି ସହ ଆରାଧ୍ୟଙ୍କ ପ୍ରତି ଗଭୀର ଅନୁରାଗ ବା ଆନୁଗତ୍ୟଜାତ କରିବା। ଦୈବଶକ୍ତି ନିକଟରେ ନିଜ ଅଜ୍ଞାନତାକୁ ପ୍ରକାଶପୂର୍ବକ ଜଣାଣ, ଭଜନ ଓ କୀର୍ତ୍ତନ ମାଧ୍ୟମରେ ମଗ୍ନହେବା। କୀର୍ତ୍ତନର ଅର୍ଥ ଗୁଣଗାନ ଓ ସଙ୍କୀର୍ତ୍ତନର ଅର୍ଥ ସମ୍ୟକରୂପେ ଭଗବାନଙ୍କର ମହାତ୍ମ୍ୟ ବର୍ଣ୍ଣନାତ୍ମକ ସଙ୍ଗୀତ ବା ମହିମାର ବର୍ଣ୍ଣନ। ସଙ୍ଗୀତ ଓ ନୃତ୍ୟରେ, ଭକ୍ତିରସରେ ନିଜକୁ ଈଶ୍ୱରଙ୍କ ପ୍ରେମରେ ଲୀନ ହେବାର ଭାବପ୍ରବଣତା ହିଁ ସଙ୍କୀର୍ତ୍ତନ। ସ୍ଥିରଚିତ୍ତରେ, ଶୁଦ୍ଧ ଶରୀରରେ ଏବଂ ସାତ୍ତ୍ୱିକ ମନୋବୃତ୍ତିର ଈଶ୍ୱର ପ୍ରଣିଧାନକୁ ସଙ୍କୀର୍ତ୍ତନ ବୋଲାଯାଏ। ଐତିହାସିକ ଦୃଷ୍ଟିକୋଣରୁ ଜଣାଯାଏ ପଞ୍ଚଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ସଙ୍କୀର୍ତ୍ତନ। ଏହାର ପୃଷ୍ଠପୋଷକ ଥିଲେ ମଣିପୁର ରାଜ୍ୟର ରାଜା କିୟାମ୍ବ। ସେ ଜଣେ ବିଷ୍ଣୁଙ୍କ ଭକ୍ତ ଥିଲେ ଏବଂ ବିଷ୍ଣୁ ମନ୍ଦିର ନିର୍ମାଣ କରି ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ଉଦ୍ଦେଶ୍ୟରେ ଜଣାଣକୁ ସଙ୍ଗୀତ ଓ ନୃତ୍ୟ ସହିତ ପରିବେଷଣପୂର୍ବକ ସଙ୍କୀର୍ତ୍ତନରେ ରୂପାନ୍ତରିତ କରିବାକୁ ପ୍ରଜାମାନଙ୍କୁ କହୁଥିଲେ ଓ ନିଜେ ମଧ୍ୟ ସେଥିରେ ସାମିଲ୍ ହେଉଥିଲେ। ପରବର୍ତ୍ତୀ ସମୟରେ ଷୋଡ଼ଶ ଶତାବ୍ଦୀରେ ପଶ୍ଚିମବଙ୍ଗରେ ଶ୍ରୀଚୈତନ୍ୟ ଦେବଙ୍କ ଦ୍ୱାରା ଭକ୍ତିବେଦାନ୍ତର ଆନ୍ଦୋଳନ ଆରମ୍ଭ ହୋଇ ଓଡ଼ିଶା ତଥା ଭାରତର ଅନ୍ୟାନ୍ୟ ପ୍ରାନ୍ତକୁ ବ୍ୟାପିଥିଲା।

ସତ୍ୟଯୁଗରେ ଶୋଳସହସ୍ର ଗୋପୀଗୋପାଙ୍ଗନାମାନେ ଶ୍ରୀକୃଷ୍ଣ ପ୍ରେମରେ ଏତେମାତ୍ରାରେ ଲୀନ ହୋଇଥିଲେ ଯେ ଶ୍ରୀକୃଷ୍ଣ ବଂଶୀବାଦନ ଶୁଣି କୃଷ୍ଣଙ୍କ ନିକଟରେ ରୁଣ୍ଡ ହେଉଥିଲେ। କୃଷ୍ଣଙ୍କ ବିନା ଗୋପୀମାନେ ନିଜକୁ ଅଧୁରା ମନେକରୁଥିଲେ। ଯେଉଁଦିନ ଗୋପପୁର ଛାଡ଼ି କୃଷ୍ଣ ଦ୍ୱାରିକା ପ୍ରତ୍ୟାବର୍ତ୍ତନ କଲେ ବାସ୍ତବରେ ଗୋପପୁରବାସୀ ତାଙ୍କ ପ୍ରିୟ କାହ୍ନାଙ୍କୁ ଲୋତକପୂର୍ଣ୍ଣ ନୟନରେ ବିଦାୟ ଦେଇଥିଲେ। ପୁନଶ୍ଚ କୃଷ୍ଣଙ୍କ ରାଜାଭିଷେକରେ ଉପସ୍ଥିତ ଗୋପୀମାନଙ୍କ ନିଛକ ପ୍ରେମର ଆତ୍ମୀୟତାକୁ ଅନୁଭବ କରି ସେଦିନ କୃଷ୍ଣ କହିଥିଲେ ଆମମାନଙ୍କ ମିଳନ ଯୁଗଯୁଗର। ସତ୍ୟ, ଦ୍ୱାପର, ତ୍ରେତୟା ଓ କଳିଯୁଗ ପର୍ଯ୍ୟନ୍ତ ଆମେ ସମସ୍ତେ ପରସ୍ପରକୁ ଭିନ୍ନଭିନ୍ନ ରୂପରେ ଭେଟିବା। କଳିଯୁଗରେ ସଂକୀର୍ତ୍ତନ ମାଧ୍ୟମରେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏବୋଲି ଅଭିହିତ। 'ଜପ ହରେକୃଷ୍ଣ ହରେରାମ, ଭଜ ନିତାଇ ଗୌର ରାଧେଶ୍ୟାମ'। ବେଦାନ୍ତ ଭକ୍ତି ଆନ୍ଦୋଳନର ପୁରୋଧାଭାବେ ଶ୍ରୀଚୈତନ୍ୟଙ୍କ କୃଷ୍ଣପ୍ରେମର ପଟାନ୍ତର ନାହିଁ। କୃଷ୍ଣଭକ୍ତି ପାଇଁ ସଂକୀର୍ତ୍ତନ ଏକ ମୁଖ୍ୟଧାରା କହିଲେ ଅତ୍ୟୁକ୍ତି ହେବନାହିଁ। କୃଷ୍ଣଭକ୍ତିର ମାହାତ୍ମ୍ୟକୁ ବିଶ୍ୱବ୍ୟାପୀ ପ୍ରଚାରପ୍ରସାର ନିମନ୍ତେ ଊନବିଂଶ ଶତାବ୍ଦୀର ଶେଷଆଡ଼କୁ ସ୍ୱାମୀ ପ୍ରଭୁପାଦ ଇସ୍କନ ଭକ୍ତିସଂସ୍ଥା ସ୍ଥାପନ କରିଥିଲେ। କଥାରେ ଅଛି 'ହରେ ନାମେ କି ରସ ଅଛି ପାନକଲା ଲୋକ ସିନା ଜାଣିଛି'। ସଂକୀର୍ତ୍ତନ ଏକ ଭକ୍ତିମୟ କୃଷ୍ଣଚେତନା ଯାହା ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଛି। ମୃଦଙ୍ଗ, ଝାଞ୍ଜ, ଘଣ୍ଟାଘଣ୍ଟ ଓ କରତାଳିର ତାଳେତାଳେ ସଂକୀର୍ତ୍ତନ ମଣିଷକୁ ଭାବପ୍ରବଣ କରେ ଭକ୍ତିରସରେ ନିମଜ୍ଜିତ ହେବାକୁ। ସମୟକ୍ରମେ ସଂକୀର୍ତ୍ତନର ଚାହିଦା ବୃଦ୍ଧି ହେବାରେ ଲାଗିଲା। ସଂକୀର୍ତ୍ତନକୁ ବିଦ୍ଧିବିଦ୍ଧଭାବେ ପରିବେଷଣ ପାଇଁ କିଛି ବ୍ୟକ୍ତି ସଂଘଠିତ ହୋଇ ସଙ୍ଗୀତ ଓ ନୃତ୍ୟସହ ଦୈନିକ କୃଷ୍ଣ ଉପାସନାରେ ନିଜକୁ ଜଡ଼ିତ କରିଚାଲିଲେ। ଦେବାଳୟ ଓ ଘର ପ୍ରତିଷ୍ଠା, ଶିଶୁ ଜନ୍ମୋତ୍ସବ, ମୃତ୍ୟୁ ବାର୍ଷିକୀ, ସହ ବିଭିନ୍ନ ଧାର୍ମିକ ପାରମ୍ପରିକ୍ ପର୍ବପର୍ବାଣୀରେ ସଙ୍କୀର୍ତ୍ତନ ପରିବେଷଣ ଏକ ଆଧ୍ୟାତ୍ମିକ ଜାଗରଣର ପରିଭାଷା। ଚବିଶି ପ୍ରହରି, ଅଷ୍ଟପ୍ରହରୀ ଓ ନିଶିପ୍ରହରୀ ଆଦି ସଂକୀର୍ତ୍ତନ ଉଭୟ ବ୍ୟକ୍ତିଗତ ଆନୁଷ୍ଠାନିକ ଭାବେ ପରିବେଷଣ କରାଯାଉଛି। କୀର୍ତ୍ତନ ମଣ୍ଡପ, କିଛି ଆଲୋକ ସାଜସଜ୍ଜା, ଡାକବାଜି ଯନ୍ତ୍ର ସହ କୀର୍ତ୍ତନିଆଙ୍କ କୀର୍ତ୍ତନ ପରିବେଷଣ। କୀର୍ତ୍ତନ ସମାପନ ପରେ ନଗର ଭ୍ରମଣ। ସଙ୍କୀର୍ତ୍ତନକୁ ବୃତ୍ତି ଭାବରେ ଗ୍ରହଣ କରି କିଛି ବ୍ୟକ୍ତି କୀର୍ତ୍ତନ ଦଳ ଗଢ଼ି ଜୀବିକା ଅର୍ଜନ କରନ୍ତି। କିନ୍ତୁ ବିଗତ କିଛିବର୍ଷ ହେବ ସଂକୀର୍ତ୍ତନର ରୂପରେଖ ବଦଳିବାରେ ଲାଗିଛି। ଏହା ବୃତ୍ତିରୁ ବ୍ୟବସାୟ ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ବିଶେଷ କରି ପଶ୍ଚିମ ଓଡିଶାରେ ସଙ୍କୀର୍ତ୍ତନ ଆଉ ସଙ୍କୀର୍ତ୍ତନ ହୋଇ ରହିନାହିଁ। ଏହା ଉଗ୍ର ଆଧୁନିକତାର ମନୋବୃତ୍ତି ସହ ନିଜର ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ। କୀର୍ତ୍ତନ ମଣ୍ଡପକୁ ଅତ୍ୟାଧୁନିକ ଢ଼ଙ୍ଗରେ ସାଜସଜ୍ଜା ସହ କୀର୍ତ୍ତନ ପରିବେଷଣ କରୁଥିବା ଗୋଷ୍ଠୀଙ୍କୁ ଦେଖିଲେ ଲାଗେ ଏମାନେ କେବଳ ମନୋରଞ୍ଜନ ଏବଂ ଅର୍ଥ ଉପାର୍ଜନକୁ ହିଁ ଆଖିରେ ରଖି ସଙ୍କୀର୍ତ୍ତନ ପରିବେଷଣ କରୁଛନ୍ତି। ସଙ୍କୀର୍ତ୍ତନ ନାମରେ ତାମସା ଚାଲିଛି। ସତରେ କଣ ସଂସ୍କୃତି ଅପସଂସ୍କୃତି ଆଡ଼କୁ ପାଦ ଖସେଇ ସାରିଛି କି? ଭକ୍ତି ଥିଲେ ଭକ୍ତିର ରସ ଉତ୍ପନ ହୁଏ। କୀର୍ତ୍ତନ ଗୋଷ୍ଠୀ ଏବେ କାର୍ଟୁନ୍ ଗୋଷ୍ଠୀ ପାଲଟି ଗଲେଣି। ଦଳେ ଝିଅ ଓ ଆଉ ଦଳେ ପୁଅଙ୍କ ମଧ୍ୟରେ କେବେ 'ଆଇ ଆମ ଏ ଡିସ୍କୋ ଡ୍ୟାନ୍ସର' ତ କେବେ 'ତୁ ଚିଜ ବଡ଼ି ହେ ମସ୍ତ ମସ୍ତ, ପୁଣି ଦକ୍ଷିଣ ଭାରତୀୟ ସୁପର ହିଟ୍ ଚଳଚ୍ଚିତ୍ରର ଗୀତ 'ତେରି ଝଲକ ଅଶ୍ରିଫ'' ସ୍ୱରରେ ହରେକୃଷ୍ଣ ହରେ ରାମ ଗାନ ସହ ପୁଅ ଝିଅଙ୍କୁ ମଧ୍ୟରେ ସେଇ ଏକପ୍ରକାରର ନୃତ୍ୟକୁ ପରିବେଷଣ ଅସଭ୍ୟ ମାନସିକତାର ପ୍ରୋତ୍ସାହନ ନୁହେଁ ତ ଆଉ କଣ? ଆଜିକାଲି ଯାତ୍ରା ଅନୁଷ୍ଠାନର ରେକଡ୍ ଡ୍ୟାନ୍ସ ଓ ଆଧୁନିକ ସଙ୍କୀର୍ତ୍ତନ ମଧ୍ୟରେ କିଛି ଫରକ ବାରିହେଉନହିଁ। ବାହା ବାହାରେ ଅତ୍ୟାଧୁନିକତା ।ସଙ୍କୀର୍ତ୍ତନ ଏକ ଧର୍ମୀୟ ବିଶ୍ୱାସ, ଏକ ଜାଗରଣ, ଏକ ଭକ୍ତିଭାବପୂର୍ଣ୍ଣ ନୈବେଦ୍ୟ ଯାହା ମାନସିକ ଭୋଗବିଳାସ ଠାରୁ ବହୁ ଉର୍ଦ୍ଧ୍ୱରେ। ଆତ୍ମିକ ଚେତନାର ବିକାଶରେ ନିଜକୁ ସାମିଲ୍ କରିବାର ଏକ ବୃହତ୍ ପ୍ରୟାସ। ଧନ୍ୟ ଉପସ୍ଥାପକ, ଆୟୋଜକ ଏବଂ ଦର୍ଶକରୂପକ ସାଧାରଣ ଜନତା। ଆମେ ଆମ ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ସତରେ ସୁରକ୍ଷା ଦେଉଛେ ନା ତାକୁ ନଷ୍ଟଭ୍ରଷ୍ଟ କରୁଛେ ତାହା ହିଁ ପ୍ରସଙ୍ଗ।

# ମୋବାଇଲ ମୋହ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ବର୍ତ୍ତମାନର ସମୟରେ ଡିଜିଟାଲ ଦୃଶ୍ୟାବଳି ତଥା ମୋବାଇଲ, କମ୍ପ୍ୟୁଟର, ଟିଭି ପରଦାରେ ଦୃଶ୍ୟପଟ କୋମଳମତି ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ମନକୁ ପ୍ରଭାବିତ କରିଛି। ଏନେଇ ଏମସ୍-ରାୟପୁର ପକ୍ଷରୁ ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଦୁଇଟି ସର୍ଭେ, ଯାହାକି 'କ୍ୟୁରେସ' ନାମ ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଛି, ତହିଁରେ କୁହାଯାଇଛି ଯେ, ଭାରତରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ଦୈନିକ ହାରାହାରି ୨.୨ ଘଣ୍ଟା ଅର୍ଥାତ ୨ଘଣ୍ଟା ୨୨୪ମିନିଟ୍ ମୋବାଇଲ କିମ୍ବା କମ୍ପ୍ୟୁଟର, ଟିଭି ସମ୍ମୁଖରେ ସମୟ ବିତାଉଛନ୍ତି। ଅର୍ଥାତ ଦୁଇବର୍ଷ ବୟସର କମ୍ ଶିଶୁ ଦୈନିକ ହାରାହାରି ୧ଘଣ୍ଟା ୨୪ମିନିଟ୍ ମୋବାଇଲ୍ ଧରି ବସୁଛି। ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଶିଶୁମାନଙ୍କ ପାଇଁ ଧାର୍ଯ୍ୟ କରିଥିବା ସମୟ ଠାରୁ ଢେର ଅଧିକ। ମୋବାଇଲ ପ୍ରତି ଶିଶୁଙ୍କ ଆସକ୍ତି ଏବେ ଉଦ୍‌ବେଗଜନକ ସ୍ଥିତି ଉପୁଜାଇଛି ବୋଲି ରିପୋର୍ଟରେ କୁହାଯାଇଛି। ଏମସ-ରାୟପୁର ୨୮୫୭ ଶିଶୁଙ୍କୁ ନେଇ କରିଥିବା ସର୍ଭେରେ ଦର୍ଶାଇଛି ଯେ, ଘଣ୍ଟା ଘଣ୍ଟା ଧରି ମୋବାଇଲ, କମ୍ପ୍ୟୁଟର, ଟିଭି ସମ୍ମୁଖରେ ବିତାଇବା ଦ୍ୱାରା ସେମାନଙ୍କ ବୋଧଶକ୍ତି ଭାଷାଗତ ବିକାଶ, ସାମାଜିକ ଦକ୍ଷତା, ଶୟନ, ଏକାଗ୍ରତା, ପ୍ରଭାବିତ ହୋଇଥିବାବେଳେ ଶରୀର ମନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ସେହିପରି ଶିଶୁ ପତ୍ରିକା ବିଏମଜେ'ରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶର ୫ଟି ଉତ୍ତର ଭାରତୀୟ ରାଜ୍ୟରେ ୬୦ପ୍ରତିଶତ ଶିଶୁ ମୋବାଇଲ, ଟିଭି ଓ କମ୍ପ୍ୟୁଟର ପରଦା ସମ୍ମୁଖରେ ଦୈନିକ ୨ଘଣ୍ଟା ୪୮ମିନିଟ୍ ଅତିବାହିତ କରୁଛନ୍ତି। ସେହିପରି ଶିଶୁ ଜର୍ଣ୍ଣାଲ 'ଜେଏଏମଏ'ରେ ପ୍ରକାଶିତ ଏକ ଆନ୍ତର୍ଜାତିକ ରିପୋର୍ଟରେ କୁହାଯାଇଛି, ଦୁଇ ବର୍ଷରୁ କମ୍ ବୟସର ଶିଶୁ ଘଣ୍ଟା ଘଣ୍ଟା ଧରି ଟିଭି, ମୋବାଇଲ ସମ୍ମୁଖରେ ବସିବା ସେମାନଙ୍କ ଇନ୍ଦ୍ରିୟମାନଙ୍କ ସଂକ୍ରାନ୍ତ ପାର୍ଥ୍ୟକ ଶିଶୁଙ୍କ ବିକାଶ ପାଇଁ ଘୋର ବିପଦର କାରଣ ହୋଇପାରେ। ଏହା ନିସନ୍ଦେହ ଯେ, ଆମ ଦେଶରେ କୋମଳମତି ଶିଶୁ ଟିଭି, ମୋବାଇଲ ପ୍ରତି ଏତେ ଆସକ୍ତ ଯେ, ମୋବାଇଲ ନଧରିଲେ ବା ଟିଭି ନଦେଖିଲେ ପିଲା ଶୁଅନ୍ତି ନାହିଁ କି ଖାଆନ୍ତି ନାହିଁ। କେବଳ ଏତିକି ନୁହେଁ, ସ୍କୁଲ ଯାଉଥିବା ଶିଶୁଙ୍କର ଅଧ୍ୟୟନ ମଧ୍ୟ କ୍ଷତିଗ୍ରସ୍ତ ହେଉଥିବା ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରରେ କୋମଳମତି ଶିଶୁଙ୍କ ସହ ମୁହାଁମୁହିଁ ଭାବବିନିମୟ, କଥୋପକଥନ ସେମାନଙ୍କ ଚେତନା ଶକ୍ତି, ଆବେଗିକ ବୁଦ୍ଧିମତା ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ମୋବାଇଲ, ଟିଭି, କମ୍ପ୍ୟୁଟର ଏହି ପ୍ରକୃତିଦତ୍ତ ଉଦ୍ଦିପନା ବା ପ୍ରୋତ୍ସାହନର ବିକଳ୍ପ ହୋଇନପାରେ। ବର୍ତ୍ତମାନର ସମୟରେ ମୋବାଇଲ ଶିକ୍ଷା-ମୋବାଇଲ ପ୍ରତି ଆସକ୍ତିର ଆଉ ଏକ ମୁଖ୍ୟ କାରଣ। କେବଳ ଶିଶୁ ନୁହଁନ୍ତି, ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଯୁବକଯୁବତୀ ଓ ବୟସ୍କ ପୁରୁଷ ଓ ମହିଳା ମୋବାଇଲ ପ୍ରତି ଏତେ ଆସକ୍ତ ଯେ, ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ମୋବାଇଲ ଦେଖିବାକୁ ଭୁଲନ୍ତି ନାହିଁ। ବହୁ ସମୟରେ ମୋବାଇଲ ଦେଖି ଦେଖି ଚାଲିବା, ଗାଡି ଚଳାଇବା ସେମାନଙ୍କ ପାଇଁ ବିପଦର କାରଣ ହୋଇଥାଏ। ଦେଶରେ ମୋବାଇଲ ବ୍ୟବହାର ନେଇ ଭାରତୀୟ ଟେଲି ନିୟାମକ କର୍ତ୍ତୃପକ୍ଷ ବା ଟ୍ରାଇ ଏହାର ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ କହିଛି ଯେ, ଦେଶରେ ଏବେ ମୋଟ ଭୋଟଦାତାଙ୍କ ସଂଖ୍ୟା ବା ପ୍ରାପ୍ତ ବୟସ୍କ ନାଗରିକଙ୍କ ତୁଳନାରେ ମୋବାଇଲ ସଂଖ୍ୟା ଢେରଗୁଣ ଅଧିକ ରହିଛି। ମୁଣ୍ଡ ପିଛା ହାରାହାରି ଦୁଇ ବା ତିନୋଟି ମୋବାଇଲ ଥିବା କୁହାଯାଇଛି। ଆମ ରାଜ୍ୟରେ ମୋଟ ୩କୋଟି, ୫୨ଲକ୍ଷ ୪୭ହଜାର ୯୯୬ ଜଣ ମୋବାଇଲ ଗ୍ରାହକ ଅଛନ୍ତି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଜାତୀୟ ସ୍ତରରେ ମୋବାଇଲ ଗ୍ରାହକମାନେ ମାସକୁ ହାରାହାରି ୧୦୨୬ ମିନିଟ୍ ବା ୧୭ଘଣ୍ଟା ୩ମିନିଟ୍ କଥା ହେଉଥିବାବେଳେ ଆମ ରାଜ୍ୟରେ ୧୨୧୧ ମିନିଟ୍ ବା ୨୦ଘଣ୍ଟା ୧୧ମିନିଟ୍ କଥା ହେଉଛନ୍ତି। ତେବେ ଜାତୀୟ ସ୍ତରରେ ମାସକୁ ହାରାହାରି କଥା ହେବାରେ ଆମ ରାଜ୍ୟ ଚତୁର୍ଥ ସ୍ଥାନରେ ଥିବାବେଳେ ବିହାର ପ୍ରଥମ, ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ଜାମ୍ମୁ-କାଶ୍ମୀର ତୃତୀୟ ସ୍ଥାନରେ ରହିଛି। କେରଳ ତାଲିକାର ସର୍ବନିମ୍ନରେ ରହିଛି। ବିହାରର ଗ୍ରାହକମାନେ ମାସିକ ହାରାହାରି ସର୍ବାଧିକ ୧୩୮୦ ମିନିଟ୍ ବା ୨୩ ଘଣ୍ଟା କଥା ହେଉଥିବାବେଳେ କେରଳରେ ସର୍ବନିମ୍ନ ୬୧୧ ମିନିଟ୍ ବା ୧୦ଘଣ୍ଟା ୧୧ମିନିଟ୍ କଥା ହୋଇଥାନ୍ତି। ଏହା ନିସନ୍ଦେହ ଯେ, ଆଜିର କର୍ମବହୁଳ ଓ ବିଳାଶମୟ ଜୀବନରେ ପିଲା କାନ୍ଦିଲେ ବା ଅଝଟ ହେଲେ ମା' ମାନେ ସାଧାରଣତଃ ମୋବାଇଲଟିଏ ଧରାଇ ଦେଇଥାନ୍ତି ବା ଟିଭି ଖୋଲି ଦେଇଥାନ୍ତି। ଯାହାର ପ୍ରଭାବ ଏବେ ଶିଶୁର ସ୍ୱାସ୍ଥ୍ୟ ଓ ମନ ଉପରେ ଗଭୀର ପ୍ରଭାବ ପକାଇଛି। ଏକ ସୁସ୍ଥ ସମାଜ ପାଇଁ ମୋବାଇଲ ଠାରୁ ଶିଶୁଙ୍କୁ ଦୂରେଇ ରଖିବା ସହ କଥାବାର୍ତ୍ତା, ବା ଦେଖିବା କମ୍ କରିବା ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଅକ୍ଟୋବର, ବୁଧବାର, ୨୦୨୫
ପୃଷ୍ଠା – ୬

# ଗିଲ୍‌ଙ୍କ ଅଧିନାୟକତ୍ୱରେ ଭାରତର ଐତିହାସିକ ବିଜୟ

**ଅହମ୍ମଦାବାଦ**

ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୱେଷ୍ଟଇଣ୍ଡିଜକୁ ୭ ଉଇକେଟ୍‌ରେ ପରାସ୍ତ କରିଛି। ଏହା ସହିତ ଟିମ୍ ଇଣ୍ଡିଆ ସିରିଜ୍‌କୁ ୨–୦ରେ ଜିତିଛି। ଦ୍ୱିତୀୟ ଇନିଂସ୍‌ରେ, ଭାରତ ସମ୍ମୁଖରେ ୧୨୧ ରନ୍‌ର ଲକ୍ଷ୍ୟ ରଖାଯାଇଥିଲା, ଯାହାକୁ ଦଳ ପ୍ରଥମ ଘଣ୍ଟା ମଧ୍ୟରେ ହାସଲ କରିନେଇଥିଲା। ଏହା ଅଧିନାୟକ ଭାବରେ ଶୁବମନ ଗିଲଙ୍କ ପ୍ରଥମ ଟେଷ୍ଟ ସିରିଜ୍ ବିଜୟ।

ଭାରତ ୫୧୮ ରନ୍‌ରେ ସେମାନଙ୍କର ପ୍ରଥମ ଇନିଂସ ଘୋଷଣା କରିଥିଲା। ୱେଷ୍ଟଇଣ୍ଡିଜ ୨୪୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଯାହା ପରେ ଟିମ୍ ଇଣ୍ଡିଆ ଫଲୋଅନ ଲାଗୁ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ, ୱେଷ୍ଟଇଣ୍ଡିଜ ୩୯୦ ରନ କରିଥିଲା। ଫଳରେ ଭାରତ ସମ୍ମୁଖରେ ବିଜୟ ପାଇଁ ୧୨୧ ରନ୍‌ର ଲକ୍ଷ୍ୟ ରଖିଥିଲା। ଏହି ଟାର୍ଗେଟ୍‌କୁ ପିଛା କରି, କେଏଲ ରାହୁଲ ଅର୍ଦ୍ଧଶତକ ହାସଲ କରିଥିଲେ।

ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ପିଚ୍ ବ୍ୟାଟିଂ ଅନୁକୂଳ ଥିଲା, ତେଣୁ ଟସ ଜିତିବା ପରେ, ଶୁଭମନ ଗିଲ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଦିନରେ ତାଙ୍କର ଶତକ ପୂରଣ କରିଥିଲେ। କେଏଲ ରାହୁଲ (୩୮)ଙ୍କ ଆଉଟ ପରେ, ଜୟସ୍ୱାଲ ସାଇ ସୁଦର୍ଶନଙ୍କ ସହ ୧୯୩ ରନର ପାର୍ଟନରସିପ୍ କରିଥିଲେ। ସୁଦର୍ଶନ ୮୭ ରନ କରି ଆଉଟ ହୋଇଥିଲେ। ଗିଲଙ୍କ ସହ ମିଶ୍ରଣ ପରେ ଜୟସ୍ୱାଲ ୧୭୫ ରନ କରି ରନ ଆଉଟ ହୋଇ ଦ୍ୱିତୀୟ ଦିନରେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଏହି ଇନିଂସରେ ଜୟସ୍ୱାଲ ୨୨ ଚୌକା ମାରିଥିଲେ।



ଦ୍ୱିତୀୟ ଦିନରେ, ଅଧିନାୟକ ଶୁବମନ ଗିଲ ମଧ୍ୟ ତାଙ୍କର ଶତକ ପୂରଣ କରିଥିଲେ ଏବଂ ଅପରାଜିତ ରହିଥିଲେ। ଭାରତ ୫୧୮/୫ରେ ପ୍ରଥମ ଇନିଂସ ଘୋଷଣା କରିଥିଲେ। ନୀତିଶ କୁମାର ରେଡ୍ଡୀ ୪୩ ଏବଂ ଧ୍ରୁବ ଜୁରେଲ ୪୪ ରନ କରିଥିଲେ।

ତୃତୀୟ ଦିନରେ ୱେଷ୍ଟଇଣ୍ଡିଜର ପ୍ରଥମ ଇନିଂସ ଦ୍ୱିତୀୟ ଅଧିବେଶନରେ ୨୪୮ ରନରେ ହ୍ରାସ ପାଇଥିଲା। କୁଲଦୀପ ଯାଦବ ପାଞ୍ଚ ଉଇକେଟ ନେଇଥିଲେ, ଆଲିକ ଆଥାନାସେ, ଶାଇ ହୋପ, ଟେଭିନ ଇମଲାଚ, ଜଷ୍ଟିନ ଗ୍ରୀଭ୍ସ ଏବଂ ଜୟଡେନ ସିଲ୍ସଙ୍କ ଉଇକେଟ ନେଇଥିଲେ। ରବିନ୍ଦ୍ର ଜାଡେଜା ମଧ୍ୟ ଦ୍ୱିତୀୟ ଦିନରେ ତିନୋଟି ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ମହମ୍ମଦ ସିରାଜ ଏବଂ ଜସପ୍ରିତ ବୁମ୍ରା ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ୱେଷ୍ଟଇଣ୍ଡିଜ ଫଲୋଅନ ଏଡ଼ାଇବାରେ ଅସମର୍ଥ ହୋଇଥିଲା। ଫଳରେ ସେମାନଙ୍କୁ ପୁଣି ବ୍ୟାଟିଂ କରିବାକୁ ବାଧ୍ୟ କରିଥିଲା। ଭ୍ରମଣକାରୀ ଦଳ ୩୫ ରନରେ ସେମାନଙ୍କର ପ୍ରଥମ ଦୁଇଟି ଉଇକେଟ (ତେଜନାରିନ ଚନ୍ଦ୍ରପଲ ଏବଂ ଆଲିକ ଆଥାନାସେ) ହରାଇଥିଲା, କିନ୍ତୁ ଜନ କ୍ୟାମ୍ପବେଲ ଏବଂ ସାଇ ହୋପ ଇନିଂସକୁ ସ୍ଥିର କରିଥିଲେ ଏବଂ ୧୭୭ ରନର ଭାଗୀଦାରି କରିଥିଲେ।

ଜନ କ୍ୟାମ୍ପବେଲ ୧୧୫ ଏବଂ ସାଇ ହୋପ ୧୦୩ ରନ କରିଥିଲେ। ଏହା କ୍ୟାମ୍ପବେଲଙ୍କ ପ୍ରଥମ ଟେଷ୍ଟ ଶତକ ଥିଲା, ଯାହା ତାଙ୍କୁ ୨୦୦୨ ପରେ ଭାରତରେ ଟେଷ୍ଟ ଶତକ ହାସଲ କରିବାରେ ପ୍ରଥମ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କରିଥିଲା। ହୋପ ୨୦୧୭ ପରେ ତାଙ୍କର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ।

କ୍ୟାମ୍ପବେଲ ଏବଂ ହୋପଙ୍କ ଶତକ ପରେ, ରୋଷ୍ଟନ ଚେଜ ଏବଂ ଜଷ୍ଟିନ ଗ୍ରୀଭ୍ସ ମଧ୍ୟ ଭଲ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜକୁ ଇନିଂସ ପରାଜୟରୁ ରକ୍ଷା କରିଥିଲେ। ଚେଜ ୪୦ ଏବଂ ଗ୍ରୀଭ୍ସ ୫୦ ରନ କରିଥିଲେ। ଜୟଡେନ ସିଲ୍ସ ୩୨ ରନ କରିଥିଲେ, ଯାହା ୱେଷ୍ଟଇଣ୍ଡିଜକୁ ଭାରତକୁ ବିଜୟ ପାଇଁ ୧୨୧ ରନର ଲକ୍ଷ୍ୟ ଦେଇଥିଲା।

ପ୍ରଥମ ଇନିଂସରେ ୧୭୫ ରନ କରିଥିବା ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ଇନିଂସରେ ୮ ରନ କରି ଆଉଟ ହୋଇଥିଲେ। ଏହା ପରେ କେଏଲ ରାହୁଲ ଏବଂ ସାଇ ସୁଦର୍ଶନଙ୍କ ମଧ୍ୟରେ ୭୯ ରନର ଭାଗିଦାରୀ ହୋଇଥିଲା। ମ୍ୟାଚର ଶେଷ ଦିନରେ ସୁଦର୍ଶନ ୩୯ ରନ କରି ରୋଷ୍ଟନ ଚେଜ ଦ୍ୱାରା କ୍ୟାଚ୍ ହୋଇଥିଲେ।

## ୪୪ ବର୍ଷରେ ପାଦ ଦେଲେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ**

ଗୌତମ ଗମ୍ଭୀର ମଙ୍ଗଳବାର ତାଙ୍କର ୪୪ତମ ଜନ୍ମଦିନ ପାଳନ କରୁଛନ୍ତି। ସେ ଦିଲ୍ଲୀରେ ଅଛନ୍ତି, ଯେଉଁଠାରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଖେଳାଯାଉଛି। ସେ ବର୍ତ୍ତମାନ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଏବଂ ମଙ୍ଗଳବାର ତାଙ୍କର ଜନ୍ମଦିନ ପାଳନ କରିବା ପରେ ବୁଧବାର ଅଷ୍ଟ୍ରେଲିଆ ଯିବେ। ଜଣେ ଖେଳାଳି ଭାବରେ ତାଙ୍କର ଏକ ଚମତ୍କାର କ୍ୟାରିଅର ମଧ୍ୟ ଥିଲା, ସେ ଟି୨୦ ବିଶ୍ୱକପ (୨୦୦୭) ଏବଂ ଓଡଓ ବିଶ୍ୱକପ (୨୦୧୧) ବିଜେତା ଦଳଗୁଡ଼ିକର ଅଂଶ ଥିଲେ। ଜଣେ ଅଧିନାୟକ ଭାବରେ, ସେ ଆଇପିଏଲ ଟ୍ରଫି ମଧ୍ୟ ଜିତିଥିଲେ ଏବଂ ଜଣେ ପରାମର୍ଶଦାତା ଭାବରେ କକଜକୁ ବିଜୟୀ କରାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଟିମ୍ ଇଣ୍ଡିଆ ଏହି ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା।

ଗୌତମ ଗମ୍ଭୀରଙ୍କ ଜନ୍ମ ଅକ୍ଟୋବର ୧୪, ୧୯୮୧ରେ ଦିଲ୍ଲୀରେ ହୋଇଥିଲା। ତାଙ୍କ ୱିକିପିଡିଆ ପୃଷ୍ଠା ଅନୁସାରେ, ଗମ୍ଭୀରଙ୍କ ଜେଜେବାପା ୧୯୪୭ରେ ମୁଲତାନରୁ ଦିଲ୍ଲୀ ଆସିଥିଲେ। ଗମ୍ଭୀରଙ୍କୁ ତାଙ୍କ ଜେଜେବାପା ପୋଷ୍ୟପୁତ୍ର ଗ୍ରହଣ କରିଥିଲେ ଏବଂ ସେବେଠାରୁ ସେ ସେମାନଙ୍କ ସହିତ ରହୁଛନ୍ତି। ଗମ୍ଭୀର ୧୦ ବର୍ଷ ବୟସରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ଏବଂ ଦିଲ୍ଲୀର ମଡର୍ଣ୍ଣ ସ୍କୁଲରେ ପାଠପଢିଥିଲେ। ଗମ୍ଭୀର ତାଙ୍କ ପ୍ରାରମ୍ଭିକ ଜୀବନରେ ସଞ୍ଜୟ ଭରଦ୍ୱାଜଙ୍କ ପ୍ରଶିକ୍ଷଣରେ ଲାଲ ବାହାଦୁର ଶାସ୍ତ୍ରୀ ଏକାଡେମୀରେ କ୍ରିକେଟ ଶିଖିଥିଲେ। ଅକ୍ଟୋବର ୨୦୧୮ରେ, ଗୌତମ ଗମ୍ଭୀର ବିଜୟ ହଜାରେ ଟ୍ରଫିରେ ଲିଷ୍ଟ ଏ କ୍ରିକେଟରେ ୧୦,୦୦୦ ରନ ପୂରଣ କରିଥିଲେ। ଏହା ପରେ, ସେ ଡିସେମ୍ବର ୩, ୨୦୧୮ରେ ସମସ୍ତ ପ୍ରକାରର କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୨୦୨୨ରେ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ତାଙ୍କୁ ମେଣ୍ଟର ଭାବରେ ନିଯୁକ୍ତ କରିଥିଲା। ୨୦୨୪ରେ, ତାଙ୍କୁ କକଜ ଦ୍ୱାରା ନିଯୁକ୍ତ କରାଯାଇଥିଲା, ଯିଏ ସେହି ବର୍ଷ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଟ୍ରଫି ଜିତିଥିଲା। ଜୁଲାଇ ୯, ୨୦୨୪ରେ, ବିସିସିଆଇ ତାଙ୍କୁ ଭାରତୀୟ ପୁରୁଷ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତ ଏହି ବର୍ଷ ଓଡଓ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଗତ ମାସରେ, ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଏସିଆ କପ ଟ୍ରଫି ମଧ୍ୟ ଜିତିଥିଲା। ଗୌତମ ଗମ୍ଭୀର ୨୦୧୧ରେ ନତାଶା ଜୈନଙ୍କୁ ବିବାହ କରିଥିଲେ; ସେମାନଙ୍କ ପରିବାର ପରସ୍ପରକୁ ପୂର୍ବରୁ ଜାଣିଥିଲେ। ଗୌତମ ଗମ୍ଭୀର ବର୍ତ୍ତମାନ ଦିଲ୍ଲୀର ରାଜେନ୍ଦ୍ର ନଗରରେ ରୁହନ୍ତି। ସମ୍ପ୍ରତି, ସମଗ୍ର ଭାରତୀୟ କ୍ରିକେଟ ଦଳ ତାଙ୍କ ଘରକୁ ରାତ୍ରୀଭୋଜନ ପାଇଁ ଆସିଥିଲେ। ଟାଇମ୍ସ ଅଫ ଇଣ୍ଡିଆକୁ ଉଦ୍ଧୃତ କରି ମାଇଖେଲ କହିଛି ଯେ ଗୌତମ ଗମ୍ଭୀରଙ୍କ ସମ୍ପତ୍ତି ପ୍ରାୟ ୨୬୫ କୋଟି (୨୦୨୪ ସୁଦ୍ଧା) ବୋଲି ରିପୋର୍ଟ କରିଛନ୍ତି। ସେ ପୂର୍ବ ଦିଲ୍ଲୀରୁ ଏମପି ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ (୨୦୧୯–୨୦୨୪)। ୨୦୧୯ରେ, ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା।

## ୪ ମାସ ପରେ ଭାରତ ଫେରିଲେ କୋହଲି



**ନୂଆଦିଲ୍ଲୀ**

ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଭାରତୀୟ ଦଳର ଅବଶିଷ୍ଟ ଖେଳାଳିଙ୍କ ସହ ଅଷ୍ଟ୍ରେଲିଆ ଟୁର୍ କରିବେ।

ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି କୋହଲିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଏବେ କୋହଲି ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଓ ଦୁଇ ଛୁଆଙ୍କ ସହ ଲଣ୍ଡନରେ ରହୁଛନ୍ତି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପରେ ଜୁନରେ ଦେଶ ଛାଡ଼ି ଥିଲେ। ସେ ୪ ମାସ ପରେ ଭାରତକୁ ଫେରିଛନ୍ତି।

## ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବ୍ଲକ ବେନ୍ଦ୍ରା ପଞ୍ଚାୟତ ଝାରବନ୍ଧଲି ଖେଳ ପଡ଼ିଆରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ବଲାଙ୍ଗୀର ଓ ସମ୍ବଲପୁର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ ବିଜୟୀ ହୋଇଥିଲା। ଏହି ଖେଳରେ ଯୁବନେତା ଆକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଓ ସାଲେଭଟା ଫାଣ୍ଡି ଅଧିକାରୀଙ୍କୁ ଭରତ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ଉତ୍ତମ ଭୋଇ, କୃପାସିନ୍ଧୁ ହରପାଳ, ରାମଗୋପାଳ ମଲ୍ଲିକ, ଯୁଧିଷ୍ଠିର ପଧାନ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ରଘୁନାଥ ସେଠ ଓ ରଜା ମଣ୍ଡଳ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲେଇ ଥିଲେ ଓ କରୁଣା ପଧାନ, ସୁରେନ୍ଦ୍ର ସେଟ୍, ସୁରେଶ ନାଏକ, ବିକି ବିଶି ଖେଳ ପରିଚାଳନା କରିଥିଲେ। ଭବାନୀ ପଟ୍ଟନାୟକ ଧାରାବିବରଣୀ ଦେଉଥିଲେ। ଦୁର୍ବାସା ସା, ସୁନୀଲ ରାଉତ, ସୁଶାନ୍ତ ମୁଦୁଲି ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସିପାକ୍ ଟାକ୍ରୋ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ୩୦ କ୍ରୀଡ଼ାବିତ୍ ସାମିଲ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଅକ୍ଟୋବର ମାସ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉମରକୋଟ ଠାରେ ଓଡ଼ିଶା ରାଜ୍ୟସ୍ତରୀୟ ସିପାକ୍ ଟାକ୍ରୋ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ ଜଣ କ୍ରୀଡ଼ାବିତ୍ ଯୋଗ ଦେବେ। ସିପାକ୍‌ଟାକ୍ରୋ ବାଳକ ଟିମ୍ ମ୍ୟାନେଜର ଭାବେ ଆଦିତ୍ୟ କାନୁନ୍‌ଗୋ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ମା' ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ୧୦ ଜଣ କ୍ରୀଡ଼ାବିତ୍ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅମିତ କୁଅଁର, ମାନସ ରଞ୍ଜନ ନାଏକ, ସାହିଲ କୁମାର ସେଠୀ, ଆକାଶ ସୋରେନ, ଅମିତ କୁମାର ନାଏକ ଓ ବାଳିକା ବିଭାଗରେ ସିନିଗ ମାଝୀ, କ୍ରିଷ୍ଣା କୁମାରୀ ମହାନ୍ତ, ସୁଦିପ୍ତା ହାଁସଦା, ପୂଜା ହେମ୍ବ୍ରମ, ପାଏଲ ମାଝୀ। ବ୍ୟାଡ଼ମିଣ୍ଟନ ବାଳକ ଟିମ୍ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରାର ପିଇଟି ମଧୁସ୍ମିତା ପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡ଼ାବିତ୍ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତି ରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଲାକାର। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଅରୁଣ୍ଣୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମ.ଡି. ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମ.ଡି. ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି। ଏମ୍‌କେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

## ଭାରତର ଟେଷ୍ଟ ସିରିଜ ବିଜୟ ପରେ ଟିମ୍‌କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ଟେଷ୍ଟ ସିରିଜ ବିଜୟ ପରେ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୱେଷ୍ଟଇଣ୍ଡିଜ ବିରୋଧରେ ଭାରତୀୟ ଦଳକୁ ଟେଷ୍ଟ ସିରିଜ୍ ବିଜୟ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଦଳର ଉତ୍କୃଷ୍ଟ ପ୍ରଦର୍ଶନ, ଧୈର୍ଯ୍ୟ ଓ ଅତୁଟ ସଂକଳ୍ପ ପୁଣି ଥରେ ଦେଶକୁ ଗର୍ବିତ କରିଛି। ଏହି ସିରିଜ୍ ବିଜୟ ଭାରତୀୟ କ୍ରିକେଟର ଶକ୍ତି, ଗଭୀରତା ଓ ଦଳୀୟ ମନୋଭାବର ପ୍ରତିବିମ୍ବ। ଏହି ଦଳ ଆଜି ଲକ୍ଷାଧିକ ଲୋକଙ୍କୁ ପ୍ରେରଣା ଦେଉଛି। ସମସ୍ତ ଖେଳାଳି ଓ ସହଯୋଗୀ ଟିମ୍ ସଦସ୍ୟଙ୍କୁ ଆଗାମୀ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ଅଧିକ ସଫଳତା ପାଇଁ ଶୁଭେଚ୍ଛା।

## ସୁବର୍ଣ୍ଣେଶ୍ୱର ଆନ୍ତଃରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବି.ଟି.ପୁର ପଞ୍ଚାୟତସ୍ଥ ରାଉତରାପୁର ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୨୪ ତମ ଆନ୍ତର୍ରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଆରଟି–ଇଲେଭେନ୍ କେନ୍ଦୁଝରକୁ ହରାଇ କେ.ସି.ଭି.ଏମ୍ ହଷ୍ଟେଲ୍ ଭଦ୍ରକ ଚଳିତ ବର୍ଷ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ଖେଳରେ କେ.ସି.ଭି.ଏମ୍ ହଷ୍ଟେଲ୍ ଆରଟି–ଇଲେଭେନ୍‌କୁ ୪.୨ ଗୋଲରେ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ମ୍ୟାଚ୍ ରେଫେରୀ ଭାବେ କେଦାର କାଲୁଣ୍ଡିଆ, କଳୟା ସାଉଁଆ, ମଙ୍ଗଲ୍ ସିଂ, କେଶବ ସୋରେନ୍ ଥିବା ବେଳେ ସ୍କୋରରେ ଶକ୍ତିକାନ୍ତ ଖଟୁଆ, ବିଜୟ ଦାସ ଓ ମଣ୍ଟୁ ଧଳ କାର୍ଯ୍ୟ ତୁଲାଇଥିଲେ। ମନୋଜ ସାହୁ, ଖଗେଶ୍ୱର ମହାନ୍ତି, ବିଜୁ ପତି ଭାଷ୍ୟକାର ଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାକୁ କ୍ଲବ ଉପଦେଷ୍ଟା ସମାଜସେବୀ ଅଶୋକ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ୍, ସିନେ ତାରକା ଦେବାଶିଷ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ସତ୍ୟସାଧନ ବେଜ୍, ବି.ଟି. ପୁର ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇ କ୍ରୀଡ଼ା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜୟୀ ଦଳକୁ ଟ୍ରଫି ଓ ୩୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ଟ୍ରଫି ଓ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ପାରମ୍ପରିକ ଔଷଧର କ୍ରମବର୍ଦ୍ଧିଷ୍ଣୁ ପ୍ରାସଙ୍ଗିକତା

# ଜଳବାୟୁ ପରିବର୍ତ୍ତନ ଯୁଗରେ ଉତ୍ତମ ଜୀବନଶୈଳୀ ଓ ପ୍ରାଚୀନ ଚିକିତ୍ସା ପଦ୍ଧତି ହେଉଛି ଆଶାର ଆଲୋକ



**ଶ୍ରୀ ପ୍ରତାପରାଓ ଯାଦବ**
କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁ.ଏଚ.ଓ.)ର ସଦ୍ୟତମ ରିପୋର୍ଟ ଅନୁସାରେ, ମୋଟ ୧୯୪ଟି ସଦସ୍ୟ ଦେଶ ମଧ୍ୟରୁ ପ୍ରାୟ ୧୭୦ଟି ଦେଶ ଅର୍ଥାତ୍ ୮୮ ପ୍ରତିଶତ – ପାରମ୍ପରିକ ଔଷଧ ପଦ୍ଧତିକୁ ଚିକିତ୍ସାର ଅଂଶ ଭାବେ ବ୍ୟବହାର କରୁଛନ୍ତି। ଏହି ପାରମ୍ପରିକ ଚିକିତ୍ସା ପଦ୍ଧତି ତାହାର ସୁଲଭ ଉପଲବ୍ଧତା ଓ ପ୍ରମାଣିତ ଫଳପ୍ରଦତା ଯୋଗୁଁ ଆଜି ବିଶ୍ୱର କୋଟି କୋଟି ଲୋକଙ୍କ ପାଇଁ, ବିଶେଷତଃ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରେ, ପ୍ରାଥମିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଗଢିଉଠିଛି। ଏହାର ଗୁରୁତ୍ୱ କେବଳ ଚିକିତ୍ସା ସେବା ପରିସୀମିତ ନୁହେଁ – ପ୍ରାକୃତିକ ଜୈବ ବିବିଧତାର ସଂରକ୍ଷଣ, ପୌଷ୍ଟିକ ସୁରକ୍ଷା ଓ ସ୍ଥାୟୀ ଜୀବିକା ସୃଷ୍ଟିରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି।

ବ୍ୟାବସାୟିକ ଧାରା ଦର୍ଶାଏ ଯେ ଲୋକମାନେ ଏହାକୁ ଅଧିକରୁ ଅଧିକ ମାତ୍ରାରେ ଗ୍ରହଣ କରିବାରେ ଲାଗିଛନ୍ତି। ବିଶ୍ଳେଷଣକାରୀମାନଙ୍କ ଆକଳନରୁ ଜଣାପଡ଼ିଛି ଯେ, ବିଶ୍ୱ ପାରମ୍ପରିକ ଔଷଧ ବଜାର ୨୦୨୫ ମସିହା ସୁଦ୍ଧା ୫୮୩ ବିଲିଅନ ଡଲାର ଛୁଇଁବ। ଅର୍ଥାତ୍ ଏହାର ବାର୍ଷିକ ଅଭିବୃଦ୍ଧି ମାତ୍ରା ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହେବ। ଚୀନ୍‌ର ପାରମ୍ପରିକ ଔଷଧ ବଜାରର ମୂଲ୍ୟ ୧୨୨.୪ ବିଲିଅନ ଡଲାର, ଅଷ୍ଟ୍ରେଲିଆର ପାରମ୍ପରିକ ଔଷଧ ଶିଳ୍ପର ମୂଲ୍ୟ ୩.୯୭ ବିଲିଅନ ଡଲାର ଏବଂ ଭାରତର ଆୟୁର୍ବେଦ, ଯୋଗ ଏବଂ ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ, ସୋୱା ରିଗ୍ପା ଏବଂ ହୋମିଓପାଥି (ଆୟୁଷ) କ୍ଷେତ୍ର ବର୍ତ୍ତମାନ ୪୩.୪ ବିଲିଅନ ଡଲାର ଛୁଇଁଛି।

ପାରମ୍ପରିକ ଔଷଧ କ୍ଷେତ୍ରର ଏଭଳି ବିସ୍ତାରଣ ସ୍ୱାସ୍ଥ୍ୟସେବା ଆଭିମୁଖ୍ୟରେ ଏକ ମୌଳିକ ପରିବର୍ତ୍ତନକୁ ପ୍ରତିଫଳିତ କରେ – ଏକ ପ୍ରତିକ୍ରିୟାଶୀଳ ଚିକିତ୍ସା ମଡେଲରୁ ଅନ୍ୟ ଏକ ସକ୍ରିୟ, ପ୍ରତିରୋଧକ ପଦ୍ଧତି ଯାହା କେବଳ ଲକ୍ଷଣ ତୁଳନାରେ ମୂଳ କାରଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରେ।

ଭାରତର ଆୟୁର୍ବେଦିକ ପରିବର୍ତ୍ତନ : ଭାରତର ପାରମ୍ପରିକ ଔଷଧ କ୍ଷେତ୍ର ଉଲ୍ଲେଖନୀୟ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଚାଲିଛି ଏବଂ ଦିନକୁ ଦିନ ଏହି କ୍ଷେତ୍ର ଅଧିକ ସମ୍ପ୍ରସାରିତ ହେବାରେ ଲାଗିଛି। ୯୨,୦୦୦ରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)କୁ ନେଇ ଗଠିତ ଆୟୁଷ ଶିଳ୍ପ ଏକ ଦଶନ୍ଧିରୁ କମ୍ ଅବଧି ମଧ୍ୟରେ ପ୍ରାୟ ଆଠ ଗୁଣ ବୃଦ୍ଧି ପାଇବା ଏକ ଶୁଭ ଲକ୍ଷଣ ବୋଲି ବିବେଚନା କରାଯାଇ ପାରେ। ଏଭଳି ଔଷଧ ଉତ୍ପାଦନ କ୍ଷେତ୍ରର ରାଜସ୍ୱ ୨୦୧୪–୧୫ ମସିହାରେ ମାତ୍ର ୨୧ ହଜାର ୬୯୭ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧ ଲକ୍ଷ ୩୭ ହଜାର କୋଟି ଟଙ୍କା ଛୁଇଁଛି ଯଦ୍ୟପି ସେବା କ୍ଷେତ୍ର ୧.୬୭ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରୁଛି।

ଭାରତ ଅଧୁନା ବିଶ୍ୱର ପ୍ରାୟ ୧୫୦ରୁ ଅଧିକ ରାଷ୍ଟ୍ରଙ୍କୁ ୧.୫୪ ବିଲିୟନ ଡଲାର ମୂଲ୍ୟର ଆୟୁଷ ଔଷଧ ଏବଂ ଅନ୍ୟାନ୍ୟ ଔଷଧୀୟ ଉତ୍ପାଦ ରପ୍ତାନୀ କରୁଛି ଏବଂ ଆୟୁର୍ବେଦ ଚିକିତ୍ସା ପଦ୍ଧତି ଅନେକ ଦେଶରେ ଏକ ବିଶ୍ୱସନୀୟ ଚିକିତ୍ସା ପଦ୍ଧତି ଭାବରେ ଆନୁଷ୍ଠାନିକ ସ୍ୱୀକୃତି ଲାଭ କରିଛି। ଏହା ବିଶ୍ୱ ସ୍ତରରେ ଭାରତ ନିମନ୍ତେ ଆର୍ଥିକ ସୁଯୋଗ ଏବଂ କୋମଳ ଶକ୍ତି– ଉଭୟକୁ ପ୍ରତିନିଧିତ୍ୱ କରେ।

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ.ଏସ.ଏସ.ଓ.) ୨୦୨୨–୨୩ ମସିହାରେ ଆୟୁଷ ଉପରେ କରିଥିବା ବ୍ୟାପକ ସର୍ଭେ ରିପୋର୍ଟ ଏହାର ସାର୍ବଜନୀନ ସଚେତନତା ପ୍ରକଟ କରେ। ଏହାର ମାତ୍ରା ଦେଶର ଗ୍ରାମାଞ୍ଚଳରେ ୯୫ ପ୍ରତିଶତ ଏବଂ ସହରାଞ୍ଚଳରେ ଏହି କେନ୍ଦ୍ରଗୁଡ଼ିକର ମାତ୍ରା ୯୬ ପ୍ରତିଶତ ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ଗତ ବର୍ଷ ଅଧାରୁ ଅଧିକ ସଂଖ୍ୟକ ଲୋକ ଆୟୁଷ ପଦ୍ଧତି ବ୍ୟବହାର କରୁଥିବା ପ୍ରକାଶ କରିଥିଲେ ଏବଂ ଏହାର ପୁନରୁତ୍ଥାନ ଏବଂ ପ୍ରତିଷେଧକ ସେବାଯତ୍ନ ନିମନ୍ତେ ଆୟୁର୍ବେଦ ସର୍ବାଧିକ ଲୋକପ୍ରିୟ ପସନ୍ଦ ଭାବରେ ମୁଣ୍ଡ ଟେକିଛି।

ବୈଜ୍ଞାନିକ ସ୍ୱୀକୃତି, ବିଶ୍ୱ ପ୍ରସାରଣ : ଦେଶରେ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ, ଆୟୁର୍ବେଦ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଜାତୀୟ ଆୟୁର୍ବେଦ ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ ସମେତ ଅନେକ ପ୍ରତିଷ୍ଠାନ ମାଧ୍ୟମରେ ଏହାର ଗବେଷଣାରେ ଉଲ୍ଲେଖନୀୟ ପୁଞ୍ଜି ନିବେଶ କରାଯାଇଛି।

ଏହିସବୁ ପ୍ରତିଷ୍ଠାନ ଗୁଡ଼ିକ କ୍ଲିନିକାଲ ବୈଧତା, ଔଷଧର ମାନକୀକରଣ ଏବଂ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ପାରମ୍ପରିକ ଜ୍ଞାନକୁ ଏକୀକୃତ କରୁଥିବା ସମନ୍ୱିତ ଯତ୍ନ ମଡ଼େଲ ବିକାଶ ଉପରେ ଅଧିକ ଧ୍ୟାନ ଦିଏ।

କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଆନ୍ତର୍ଜାତିକ ସହଯୋଗ ଯୋଜନା ମାଧ୍ୟମରେ ଭାରତର ବିଶ୍ୱ ଆୟୁର୍ବେଦ ପ୍ରସାର ଉଲ୍ଲେଖନୀୟ ସ୍ତରରେ ପହଞ୍ଚିଛି। ଭାରତ ବିଭିନ୍ନ ରାଷ୍ଟ୍ରଙ୍କ ସହିତ ୨୫ଗୋଟି ଦ୍ୱିପାକ୍ଷିକ ରାଜିନାମା ଏବଂ ୫୨ଗୋଟି ଆନୁଷ୍ଠାନିକ ସହଭାଗୀତା ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ବର୍ତ୍ତମାନ ସୁଦ୍ଧା ୩୯ ଗୋଟି ରାଷ୍ଟ୍ରରେ ୪୩ଟି ଆୟୁଷ ସୂଚନା କୋଷ ପ୍ରତିଷ୍ଠା କରାଯାଇଛି ଏବଂ ବିଦେଶର ୧୫ଟି ବିଶ୍ୱବିଦ୍ୟାଳୟରେ ଶିକ୍ଷା ସମ୍ପର୍କୀତ ବିଭାଗମାନ ପ୍ରତିଷ୍ଠା ହୋଇଛି।

ଭାରତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁ.ଏଚ.ଓ.) ପକ୍ଷରୁ ବୈଶ୍ୱିକ ପାରମ୍ପରିକ ଔଷଧ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଏକ ଉଲ୍ଲେଖନୀୟ ସଫଳତା ବୋଲି ଗ୍ରହଣ କରାଯାଇପାରେ। ଭାରତ ସରକାରଙ୍କ ଦ୍ୱାରା ସମର୍ଥିତ ଏହି କେନ୍ଦ୍ର ଆଧୁନିକ ବିଜ୍ଞାନ, ଡିଜିଟାଲ ସ୍ୱାସ୍ଥ୍ୟ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ.)ର ସମନ୍ୱୟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟରେ କିପରି ଉନ୍ନତ ପ୍ରଯୁକ୍ତି ବିଦ୍ୟାର କ୍ଲିନିକାଲ ବୈଧତାକୁ ମଜଭୁତ କରାଯାଇ, ବଡ଼ ବଡ଼ ଡାଟାକୁ ବିଶ୍ଳେଷଣ କରିବାରେ ସଫଳତା ହାସଲ କରିହେବ ଏବଂ ଆୟୁର୍ବେଦ ଓ ତତ୍‌ସମ୍ବନ୍ଧିତ ପଦ୍ଧତିରେ ଭବିଷ୍ୟବାଣୀ ଯତ୍ନ ବ୍ୟବସ୍ଥାକୁ ଉନ୍ନତ କରାଯାଇପାରିବ ତାହା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି।

ପ୍ରତ୍ୟେକଙ୍କ ପାଇଁ ଆୟୁର୍ବେଦ, ବିଶ୍ୱ କଲ୍ୟାଣ ପାଇଁ ଆୟୁର୍ବେଦ: ଆୟୁର୍ବେଦର ମୂଳ ଦର୍ଶନ ହେଉଛି ଶରୀର ଏବଂ ମନ, ମାନବତା ଏବଂ ପ୍ରକୃତି, ବ୍ୟବହାର ଏବଂ ସଂରକ୍ଷଣ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରକ୍ଷା କରିବା। ଏହା ସମସାମୟିକ ଆହ୍ୱାନର ପ୍ରାସଙ୍ଗିକ ସମାଧାନ ଉପରେ ଆଲୋକପାତ କରେ। ବିଶ୍ୱ ଜୀବନଶୈଳୀ ରୋଗ ଏବଂ ଜଳବାୟୁ ପରିବର୍ତ୍ତନ ସହିତ ମାନବ ସମାଜ ସଂଘର୍ଷ କରୁଥିବା ସମୟରେ, ଆୟୁର୍ବେଦ ଏହାର ସମାଧାନ ନିମନ୍ତେ ଏକ ଢାଞ୍ଚା ପ୍ରଦାନ କରେ ଯାହା ବ୍ୟକ୍ତିଗତ ଏବଂ ପୃଥିବୀର ସ୍ୱାସ୍ଥ୍ୟ – ଉଭୟର ମୁକାବିଲା କରେ।

ଭାରତ ବିଶ୍ୱ ସ୍ତରରେ ପାରମ୍ପରିକ ଔଷଧକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ପ୍ରୟାସର ନେତୃତ୍ୱ ନେଉଛି। ଏହି ପଦ୍ଧତି ପ୍ରତିରୋଧକ, ସୁଲଭ, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦିଏ। ଆୟୁର୍ବେଦ କେବଳ ଏକ ଚିକିତ୍ସା ବ୍ୟବସ୍ଥା ନୁହେଁ, ବରଂ ଏକ ସୁସ୍ଥତା ଆନ୍ଦୋଳନକୁ ମଧ୍ୟ ପ୍ରତିନିଧିତ୍ୱ କରେ ଯାହା ପାରମ୍ପରିକ ଜ୍ଞାନକୁ ସମସାମୟିକ ଆବଶ୍ୟକତା ସହିତ ସଂଯୁକ୍ତ କରେ।

ଆଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାଚୀନ ଜ୍ଞାନର ସମନ୍ୱୟ ପାରମ୍ପରିକ ଚିକିତ୍ସା ବ୍ୟବସ୍ଥାକୁ ବିଶ୍ୱ ସ୍ୱାସ୍ଥ୍ୟ ସ୍ଥାପତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅନୁମତି ଦିଏ। ଏହି ବର୍ଷ, ଆୟୁର୍ବେଦ ଦିବସ ମଣିଷ ଏବଂ ଆମ ଗ୍ରହ ପାଇଁ ଏକ ଅଧିକ ସନ୍ତୁଳିତ ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତ ନିମନ୍ତେ ଅବଦାନ ଯୋଗାଇବା ଲାଗି ପାରମ୍ପରିକ ଜ୍ଞାନ ବ୍ୟବସ୍ଥାର ସମ୍ଭାବନାକୁ ସ୍ମରଣ କରାଏ।

**Government Of Odisha "e" procurement of Notice.** H-33
**Bid Identification No.01 of 2025-26**
**( Ref- TCN No. 542 dated.. 10.10.2025)**
**No.545 Date.10.10,2025**

| Sr.No. | Item | Details |
|---|---|---|
| 1 | The Sub-collector-Padampur-cum-Chairman, RMC Padampur invites percentage rate bids in single & double cover system in ONLINE MODE only for work as detailed below: | |
| 2 | Nature of the work | Construction of building type works. |
| 3 | No of work | 13 Nos |
| 4 | Bid Cost | Rs.6000.00 to 10000.00 online transfer. |
| 5 | Value of Tender | Rs 46.92 lakhs to Rs. 135.27 lakhs |
| 6 | Class of Contractor | "B" & "A" Class |
| 7 | Availability of BID Documents in the website | Dt. 13.10.2025 (1.00PM ) to 23.10.2025 (Up to 5.00 PM) |
| 8 | Last date/time of Receipt of bids in the portal | Dt 23.10.2025 up to 5.00 P.M |
| 9 | Date of opening of bid | Dt 24.10.2025 at 11.30 A.M |
| 10 | The Bidders have to participate in ONLINE bidding only.; Further details can be seen from the website :https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website: https://tendersorissa.gov.in. | |

Sd/-
Sub-Collector, Padampur -Cum-Chairman,
R.M.C. Padampur
OIPR-01478/11/0005/2526

GOVT. OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
DRAINAGE DIVISION KHORDHA
email Id :- eeddkhurda@gmail.com
A-713

Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 1. | Total number of work | : **2 no. of work as mentioned below** |
| 2. | Nature of Work | : Improvement of Natural Drains. |
| 3. | Tender Amount (Excluding GST) | : **30 lakhs to 45 lakhs** |
| 4. | Bid Identification No. | : EE-DD-KHR-01/2025-26"EE-DD-KHR02/2025-26 |
| 5. | Period of completion | : Refer DTCN |
| 6. | Class of Contractor. | : Refer DTCN |
| 7. | Availability of Tender On - Line. | : From 14.10.2025 **( 11A.M)** to 28.10.2025 **(5.30P.M)** |
| 8. | Date of Opening of Tender documents & online bid | : 29.10.2025 **at 11 A.M** in the O/o the Executive Engineer, Drainage Division, Khordha |
| 9. | Date of Lottery | : To be uploaded in Portal after evaluation of technical bids |
| 10. | Earnest money deposit | : Refereed DTCN |
| 11. | Cost of Tender paper | : Refereed DTCN |
| 12. | Procurement Officer | : Executive Engineer Drainage Division Khordha |

Further details can be seen from the Govt, web site www.tendersorissa.gov.in. Addendum. Corrigendum/ Cancellation if any required will be published only in Govt. -web site www.tendersorissa.gov.in

Sd/- Executive Engineer
Drainage Division Khordha
OIPR-32363/11/0003/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852,
email- serifedodisha@gmail.com, website- www.serifedodisha.in
CAD-2017

INVITION FOR BIDS (e-Procurement)
Bid identification no:- VI-09(09)/SERIFED/2025-26//1286/Dt. 14.10.2025

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, from the registered contractors for the work 01 (One) no of work in Cuttack district. The bid documents such as DTCN/BOQ etc. can be seen/downloadcd from the government website : www.tendersodisha.gov.in. during the period dt. 17.10.2025 to 17.00 hours up to dt. 27.10.2025. Online bids shall be received till 17.00 hours dt. 27.10.2025 & shall be opened at 11.30 AM on Dt. 28.10.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0020/2526 Sd/- MANAGING DIRECTOR

# ପ୍ରସିଦ୍ଧ ଗଜଲକ୍ଷ୍ମୀ ଉତ୍ସବ : ଶାନ୍ତି ଶୃଙ୍ଖଳାର ସହ ଭସାଣି ଉତ୍ସବ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଚାଲିଥିବା ଜଣାପଡିଛି। କେନ୍ଦ୍ରାପଡା ସହର ଏବଂ ଆଖପାଖ ଅଂଚଳର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗଜଲକ୍ଷ୍ମୀ ମେଢ ସୋମବାର ପୁରୁଣା ବସଷ୍ଟାଣ୍ଡ ମେଲଣ ପଡିଆରେ ପହଁଚିବାପରେ ମଙ୍ଗଳବାର ସକାଳୁ ଭସାଣୀ ପାଇଁ ଶୋଭାଯାତ୍ରା ଆରମ୍ଭ କରିଥିଲେ। ପ୍ରଶାସନ ଓ ପୂଜା କମିଟି ସହମତିରେ ପଞ୍ଜିକରଣ କରିଥିବା ନମ୍ବର ମୁତାବକ ମେଢ ଗୁଡିକ ଗୋଟିଏ ପରେ ଗୋଟିଏ ବିସର୍ଜନ ଘାଟ ଆଡକୁ ଶାନ୍ତି ଶୃଙ୍ଖଳାର ସହ ଯାଉଥିବା ଜଣାପଡିଛି। ପୋଲିସ୍ ଓ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟକ ମେଢର ସୁରକ୍ଷା ପାଇଁ ବ୍ୟାପକ ପୋଲିସ୍ ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍. ଆର୍.ଆଇଆର୍ ଓ ପୋଲିସ୍ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଭସାଣୀକୁ ବୁଲି ଦେଖିବା ସହ ଦୁବୁର୍ତ୍ତମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଜଣାପଡିଛି।

# ଏକାମ୍ର ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ ବିଏମସି କମିଶନର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର କମିଶନର ତଥା ଏକାମ୍ର ପ୍ରକଳ୍ପର ନୋଡାଲ ଅଫିସର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକାମ୍ର ପ୍ରକଳ୍ପ ଅଗ୍ରଗତି ସଂପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପାର୍କିଂ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍, ଜମି ଅଧିଗ୍ରହଣ ଏବଂ ପ୍ରକଳ୍ପର ଅନ୍ୟାନ୍ୟ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ୧୧ ଶହ ଶତାବ୍ଦୀର ଐତିହାସିକ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଂଚଳକୁ ପନର୍ଜୀବିତ କରିବା ସହ ଏକାମ୍ର କ୍ଷେତ୍ରର ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା ବଦ୍ଧଭାବେ କରିବା ଏବଂ ଭୁବନେଶ୍ୱର ଐତିହ୍ୟର ସଂରକ୍ଷଣ ଓ ସହରାଞ୍ଚଳ ବିକାଶ ପାଇଁ ପଦେକ୍ଷେପ ନେବା ହେଉଛି ଏହି ପ୍ରକଳ୍ପର ଉଦେଶ୍ୟ । ଚାରୁଖଚିତ ସ୍ଥାପତ୍ୟ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ତୀର୍ଥଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା, ଏକାମ୍ର ପରିସରରେ ସୁନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥା କରିବା, ପୁରାତନ ମନ୍ଦିର ଏବଂ ଜଳାଶୟଗୁଡିକର ପୁନରୁଦ୍ଧାର, ପାଦଚଲା ରାସ୍ତାର ବିକାଶ , ପାର୍କିଂ ଓ ସମାବେଶ ସ୍ଥଳ ସୃଷ୍ଟି କରିବା ଏବଂ ଏହି ଅଂଚଳକୁ ୟୁନିସ୍କୋରେ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇଁ ସ୍ଥାନିତ କରିବା । ପବିତ୍ର ବିନ୍ଦୁ ସାଗର ହ୍ରଦ ଚାରିପାଖରେ ଉତ୍ସର୍ଗୀକୃତ ପାଦଚଲା ରାସ୍ତାର ବିକାଶ କରିବା ସର୍ବୋପରି ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରିବା । କେବଳ ସେତିକି ନୁହେଁ, ମନ୍ଦିର ପରିସର ସହିତ ଜଡିତ ଜୀବନ୍ତ ପରମ୍ପରା ଓ ସାଂସ୍କୃତିକ ଅଭ୍ୟାସକୁ ବୃଦ୍ଧି କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ । ସଂପ୍ରତି ପ୍ରାୟ ୭ ଏକର ଘରୋଇ ଜମି ଅଧିଗ୍ରହଣ ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଜମି ଅଧିଗ୍ରହଣ ପାଇଁ ବିଏମ୍ ସି ଖୁବ୍ ଶୀଘ୍ର ଓବିସିସି ସହିତ ଆଲୋନଚା କରିବା ପରେ ଏ ସଂପର୍କିତ ଯୋଜନାର ରୂପରେଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ । ସଂପୃକ୍ତ ଅଂଚଳରେ ସ୍ୱରେଜ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି। ଲିଙ୍ଗରାଜ ମହାପ୍ରଭୁଙ୍କର ଜାଗର ଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ଏବେଠାରୁ ତ୍ୱରାନ୍ୱିତ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ବିଏମ୍ ସିର ଅତିରିକ୍ତ କମିଶନର, ଭୁବନେଶ୍ୱର ଉପଜିଲ୍ଲାପାଳ, ଓବିସିସି ମୁଖ୍ୟଯନ୍ତ୍ରୀ ଓ ସାଧାରଣ ପରିଚାଳକ, ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଏସଆଇର ପ୍ରତିନିଧି ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁରୁଷ ବନ୍ଧୁଙ୍କ ...

ସେଠାରୁ ଚାଲି ଚାଲି ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛି । ଘଟଣା ଦିନ ପୀଡ଼ିତା ଯେଉଁ ସବୁ ରାସ୍ତା ଦେଇ ଯାଇଥିଲେ ପୁଲିସ ଟିମ୍ ସେହି ରାସ୍ତା ଦେଇ ଚାଲି ଚାଲି ଯାଇଛି । ଅଭିଯୁକ୍ତଙ୍କୁ ଧରି କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି ଦୁର୍ଗାପୁର ପୁଲିସ । ଘଟଣା ଦିନ କିଭିଳି ପୀଡ଼ିତାଙ୍କୁ ଉଠାଇ ନେଇଥିଲେ କେଉଁ ସ୍ଥାନକୁ ନେଇଥିଲେ, କଣ କଣ ଘଟିଥିଲା, ସେସବୁର ସିନ୍ ରିକ୍ରିଏସନ୍ କରାଯାଇଛି । ସେପଟେ ଗଣ ଦୁଷ୍କର୍ମ ଘଟଣାରେ ପ୍ରମାଣ ସଂଗ୍ରହରେ ଲାଗିଛି ଏସଆଇଟି ଟିମ୍ । ଅଭିଯୁକ୍ତଙ୍କ ଘରେ ପହଞ୍ଚି ଅପରାଧ ସମୟରେ ବ୍ୟବହାର କରିଥିବା ପୋଷାକକୁ ଜବତ କରାଯାଇଛି । ତେବେ ସିନ୍ ରିକ୍ରିଏସନ ବେଳେ ତଥ୍ୟ ସଂଗ୍ରହରେ କାଳେ ବାଧା ଉପୁଜିବ ତେଣୁ ଘଟଣାସ୍ଥଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରବେଶ ଉପରେ କଟକଣା ଲଗାଇଯାଇଥିଲା ।

ସେପଟେ ଦୁର୍ଗାପୁର ମେଡିକାଲ କଲେଜରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ କୋଲକାତା ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡିଲେ ଘରୋଇ ମେଡିକାଲ କଲେଜ କର୍ତ୍ତୃପକ୍ଷ । ଜଷ୍ଟିସ ସମ୍ପା ଦତ୍ତଙ୍କ ଖଣ୍ଡପୀଠରେ ଏ ନେଇ ଆବେଦନ କରାଯାଇଛି । ଖଣ୍ଡପୀଠରେ କଲେଜ କର୍ତ୍ତୃପକ୍ଷ ଆବେଦନ କରି ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଆବେଦନରେ ଯୁକ୍ତି ଦର୍ଶାଇ ଲେଖିଛନ୍ତି- କଲେଜରେ ଏବେ ପିଲାଙ୍କ ପରୀକ୍ଷା ଚାଲିଛି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତିକୁ ଆଖିରେ ରଖି ସୁରକ୍ଷା ଯୋଗାଇ ଦେବାକୁ ଆବେଦନ କରିଛନ୍ତି । ପୂର୍ବରୁ କଲେଜ ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନକୁ କଲେଜ କର୍ତ୍ତୃପକ୍ଷ ଖଣ୍ଡନ କରିଥିଲେ। କହିଥିଲେ କଲେଜ କ୍ୟାମ୍ପସ ବାହାରେ ଅଘଟଣ ଘଟିଛି । ବିଏନ୍-୧୮୩ ଧାରା ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ । ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଘଟଣା ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ ପଶ୍ଚିମବଙ୍ଗ ଆଉ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ। ମହିଳାମାନଙ୍କ ପାଇଁ ପଶ୍ଚିମବଙ୍ଗକୁ ସୁରକ୍ଷିତ କରିବା ପାଇଁ ଦ୍ୱିତୀୟ ପୁନର୍ଜାଗରଣ ଆବଶ୍ୟକ । ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ରାଜ୍ୟପାଳ ପୀଡ଼ିତାଙ୍କ ପିତାମାତାଙ୍କୁ ନ୍ୟାୟର ଆଶ୍ୱାସନା ଦେଇଥିଲେ ।

## ୨୦୨୭ ସୁଦ୍ଧା...

ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷ ତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଡିପ୍ ଟ୍ରେଞ୍ଚେସ୍ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନୂତନ ନିର୍ମାଣ ଯୋଗୁଁ ସେହି ସ୍ଥାନ ଦେଇ ବହି ଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୁର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନନିର୍ମାଣ ହେବା ସହିତ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ । ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡିଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସୀ ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଓ କେନ୍ଦୁଝରର ଡିଏଫଓ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଣିକି ମନ୍ଦିର...

ମୁଖ୍ୟ ଗିରିଶ ଚନ୍ଦ୍ର ମୁର୍ମୁ ଉପରୋକ୍ତ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ନେଇ ବୈଠକରେ ବିଷଦ ଭାବେ ଆଲୋଚନା ହୋଇଛି। କେତେକ ଜିନିଷ ନିଜକୁ କରିବାକୁ ହେବ ଏବଂ ଆଉ କିଛି ସରକାର କରିବେ। କାହାକୁ ହଇରାଣ କରିବାକୁ ନୁହେଁ , ଶ୍ରୀମନ୍ଦିର ସୁରକ୍ଷା ପାଇଁ ସବୁ ପ୍ରକାର ପ୍ରଦକ୍ଷେପ ନିଆଯିବ। ଅନ୍ୟ ମନ୍ଦିରର ସୁରକ୍ଷା ଅନୁଧାନ କରି ଏ ଦିଗରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ଆତ୍ମସମର୍ପଣ ...

କରିଛନ୍ତି। ୫୦ଟି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ବିପୁଳ ପରିମାଣର ମାଓ ସାମଗ୍ରୀ ସହିତ ସେମାନେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଆତ୍ମସମର୍ପଣ ପୂର୍ବରୁ ସୋନୁ ଦାଦା ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିବୁ ବୋଲି ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ପରେ ମାଓବାଦୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ବେଣୁଗୋପାଳ କେନ୍ଦ୍ରୀୟ କମିଟି ପ୍ରବକ୍ତା ଭାବେ ଦାୟିତ୍ୱ ତୁଲାଉ ଥିଲେ ବୋଲି ଜଣାପଡ଼ିଛି ।

## ଏଥର ଦୁଇ ...

ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ୍ୟ ବାରଣ କରାଯାଇଛି। ବାଣର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ। ବଗିଚା, ପାର୍କ , ହସ୍ପିଟାଲ୍ , ଶିକ୍ଷାନୁଷ୍ଠାନ , କୋର୍ଟ, ମନ୍ଦିର ପାଖରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଗାଇଡ୍‌ଲାଇନ୍ ଅନୁସାରେ ଖୋଲା ଜାଗାରେ ବାଣ ଫୁଟାଇପାରିବେ। କିନ୍ତୁ ତାହା କେବଳ ସବୁଜ ବାଣ ହିଁ ହୋଇଥିବ । ଝୁମ୍ପୁଡ଼ି ଘର , ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ-ସୃଷ୍ଟି କରୁଥିବା ବାଣ ଫୁଟାଇପାରିବେ ନାହିଁ। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଏଥିରେ ଖିଲାପ କରିବେ, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## କାର୍ ବାଣ୍ଟିବେ...

ପରିବହନ ବିଭାଗ ସୁଝିବ। ଗାଡ଼ି ଚାଳକଙ୍କ ବୀମା ବାବଦରେ ୧ ହଜାର ଟଙ୍କା ଦେବେ ସରକାର । ଗାଡ଼ି କିଣିବା ବାବଦରେ ଖର୍ଚ୍ଚ ହେବ ୧୧୦ କୋଟି । ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେବା ପାଇଁ ଷ୍ଟିୟରିଂ କମିଟି ଗଠନ ହେବ । ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଷ୍ଟିୟରିଂ କମିଟି ଗଠନ ହେବ । ସରକାର ପ୍ରତି ୩ ମାସରେ ଥରେ ମହିଳାଙ୍କ ଆୟର ହିସାବ କରିବେ । ଏବେ ସୁଦ୍ଧା ୬୨୧୬ ମହିଳା ଡ୍ରାଇଭିଂ ଟ୍ରେନିଂ ନେଇଛନ୍ତି ଏବଂ ୪ଟି ଡ୍ରାଇଭିଂ ପ୍ରତିଷ୍ଠାନରେ ଟ୍ରେନିଂ ହୋଇଛି ।

## ଇ-କେୱାଇସି ...

ଏବେବି ଇ-କେୱାଇସି କରିନଥିବା ଲୋକଙ୍କୁ ଚାଉଳ ପଠାଯାଉଛି । ତାକୁ ଖୁବଶୀଘ୍ର ବନ୍ଦ କରିଦିଆଯିବ । ଯେଉଁମାନେ କରିବେ ନାହିଁ, ସେମାନଙ୍କ ପାଇଁ ଚାଉଳ ଯିବନାହିଁ। ତେଣୁ ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ସମୟ ବଢାଇବେ, ତେବେ ଆମେ ମଧ୍ୟ ବଢାଇବୁ ବୋଲି ମନ୍ତ୍ରୀ କହିଛନ୍ତି ।

# ବିଭ୍ରାନ୍ତକାରୀ ସୂଚନାର ତ୍ୱରିତ ମୁକାବିଲା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତକାରୀ ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନ ବିଷଦ ସୂଚନା ଦେବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ । ଅନେକ ବର୍ଷ ଧରି ନିଷ୍ପାପର ଓ ନିରପେକ୍ଷ ଭାବରେ କାର୍ଯ୍ୟକରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛନ୍ତି । ସେହି ସମ୍ମାନକୁ ଅକ୍ଷୁଣ୍ଣ ରଖିବାକୁ ହେଲେ ଭ୍ରମାତ୍ମକ ତଥା ବିଭ୍ରାନ୍ତକାରୀ ସୂଚନାର ସଠିକ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭୋଟର ତାଲିକାରୁ ଜଣେବି ଯୋଗ୍ୟ ମତଦାତା ନାମ ନ କଟିବା ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେବା ସହ ସେହି ଅବଲୋକନରେ ଓଡିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ସାହୁ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ତା'ସହିତ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ କମିଶନ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ ।

ଭ୍ରମାତ୍ମକ ସୂଚନା ଯଥା-ଗୁଡ଼ାଏ ଲୋକଙ୍କ ନାମ ଏକା ସହିତ କଟିଯିବ, ବୁଥ୍ ଲେବୁଲ୍ ଅଧିକାରୀମାନେ ଭୁଲ ତଥ୍ୟ ଦେଉଛନ୍ତି, ଘର ନମ୍ବର ନଥିବା ଘର, ଗୋଟିଏ ଠିକଣାରେ ଅନେକ ଲୋକଙ୍କ ପଞ୍ଜିକରଣ ଭଳି ଭ୍ରମାତ୍ମକ ତଥ୍ୟ ବିଷୟରେ ଜାଣିବା ପରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସଠିକ୍ ତଥ୍ୟ ଲୋକଲୋଚନକୁ ଆଣି ଭୁଲ ତଥ୍ୟର ତ୍ୱରିତ ମୁକାବିଲା କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିୟମିତ ପ୍ରେରିତ ପ୍ରେସ ବିଜ୍ଞପ୍ତି ଓ ସୂଚନାକୁ ସାମାଜିକ ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ତୃଣମୂଳସ୍ତରର ଜନସାଧାରଣଙ୍କ ଅବଗତି ନିମନ୍ତେ ନିରବଛିନ୍ନ ଭାବେ ପ୍ରେରଣ କରିବା ସହିତ ସୃଜନାତ୍ମକ ମତାମତ ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ ।

## ନବୀନଙ୍କୁ ଭେଟିଲେ ବିଏମସି କର୍ପୋରେଟର

# ଭୁବନେଶ୍ୱରର ବିଭିନ୍ନ ବିକାଶ କାମ ବିଷୟରେ କଲେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟରମାନେ ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଭୁବନେଶ୍ୱରର ବିକାଶ ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପାଣ୍ଠି ଯୋଗାଣରେ ଅବହେଳା କରୁଥିବା ବିଷୟରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ବିକାଶ କାମରେ ବାଧା ସୃଷ୍ଟି ହେଉଛି ବୋଲି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସମସ୍ତ ଅସୁବିଧା ସତ୍ତ୍ୱେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ବିକାଶ ଓ କଲ୍ୟାଣ କାମରେ କେବେ ସାଲିସ କରାଯାଇପାରିବ ନାହିଁ ବୋଲି ନବୀନ ସତର୍କ କରିବା ସହ ଏ ବିଷୟରେ ଦଳ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସେ କହିଥିଲେ। ଏହି ଆଲୋଚନା ସମୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଜେଡି ଜିଲ୍ଲା ସଭାପତି ଅଶୋକ ପଣ୍ଡା ଓ ବିଜେଡି ନେତା ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜାପାନର ତୋତୋରି ପ୍ରିଫେକ୍ଚରାଲ ପ୍ରତିନିଧିବୃନ୍ଦଙ୍କ ସହିତ ଉନ୍ନୟନ କମିଶନରଙ୍କ ବୈଠକ

# ଓଡ଼ିଶା ଓ ତୋତୋରି ସହିତ ଶିଳ୍ପ ଓ ବୈଷୟିକ ବିଦ୍ୟା ଆଦାନ ପ୍ରଦାନ ସମ୍ପର୍କିତ ସହଯୋଗିତା ନେଇ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାପାନର ତୋତୋରି ପ୍ରିଫେକ୍ଚରାଲ ସରକାରଙ୍କ ଏକ ୮ ଜଣିଆ ପ୍ରତିନିଧି ଦଳ ଗତକାଲି ସୋମବାର ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସହିତ ଏକ ବୈଠକରେ ସାକ୍ଷାତ ଆଲୋଚନା କରିଥିଲେ । ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ତୋତୋରି ସରକାରଙ୍କ ବାଣିଜ୍ୟ ଓ ଲଜିଷ୍ଟିକ୍ ବିଭାଗର ନିର୍ଦ୍ଦେଶକ ଆକିଫୁମି ସିମିଜୁ ଏବଂ ଏହି ବିଭାଗର ପ୍ରବାସୀ ବାଣିଜ୍ୟ ସହାୟତା ମୁଖ୍ୟ ରୋସୁକେ ୟାମାଗୁଚିଙ୍କ ସହିତ ଜାପାନର ଅନ୍ୟ ବାଣିଜ୍ୟ ଓ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ । ସୂଚନା ଯୋଗ୍ୟ ଯେ ଗତ ଅଗଷ୍ଟ ୨୦୨୪ ରେ ତୋତୋରି ପ୍ରିଫେକ୍ଚରାଲ ସରକାରଙ୍କ ଏହି ପ୍ରତିନିଧି ଦଳ ପ୍ରଥମ ଓଡ଼ିଶା ପରିଦର୍ଶନ କରିଥିଲେ । ଜାପାନର ପ୍ରଧାନମନ୍ତ୍ରୀ ସିଙ୍ଗେରୁ ଇସିବା ଯିଏକି ତୋତୋରିର ମୂଳ ଅଧିବାସୀ ରାଜନେତା ଅଟନ୍ତି , ଚଳିତ ବର୍ଷ ଅଗଷ୍ଟ ୨୦୨୫ ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାପାନ ପରିଦର୍ଶନରେ ଯାଇ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହିତ ଏକ ବୈଠକରେ ଯୋଗଦେଇ ଭାରତ ଓ ଜାପାନ ମଧ୍ୟରେ ବ୍ୟବସାୟିକ ଓ ବୈଷୟିକ ବିଦ୍ୟା ଆଦି କ୍ଷେତ୍ରରେ ସହଯୋଗିତା ସଂପର୍କରେ ଆଲୋଚନା କରିଥିଲେ । ଏହି ଦୃଷ୍ଟିରୁ ତୋତୋରି, ଜାପାନରୁ ଆସିଥିବା ଏହି ପ୍ରତିନିଧି ଦଳଙ୍କ ସହିତ ଉନ୍ନୟନ କମିଶନରଙ୍କ ବୈଠକ ଓଡ଼ିଶା ସହ ତୋତୋରି ସରକାରଙ୍କ ସହଯୋଜନା ନେଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆଗ୍ରହପ୍ରଦ ଥିଲା । ପ୍ରକାଶ ଥାଉକି, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧ୍ୟ ଗତ ସେପ୍ଟେମ୍ବର ୨୦୨୫ ରେ ଭାରତୀୟ ଦୂତାବାସ ତରଫରୁ ଆୟୋଜିତ ତୋତୋରି ଦିବସରେ ଆଭାସୀ ମାଧ୍ୟମରେ ଯୋଗ ଦେଇ ଭାରତ-ଜାପାନ ସହଭାଗିତା ଏବଂ ତୋତୋରି ସଂପର୍କିତ ଆଲୋଚନାରେ ଜଳ ସଂପଦର ବିକାଶ ଏବଂ ବୈଷୟିକ ଜ୍ଞାନ କୌଶଳର ଆଦାନ ପ୍ରଦାନ ସଂପର୍କରେ ଆଲୋକପାତ କରିଥିଲେ । ତୋତୋରିର ବୈଷୟିକ ବିଶେଷଜ୍ଞତା ଓ ଜଳ ପରିଚାଳନାକୁ ଆଧାର କରି ଓଡ଼ିଶାର ଜଳବାୟୁ ସହନଶୀଳ ଜଳସଂପଦ ଭିତ୍ତିଭୂମି, ଭୂତଳ ଜଳ ସଂରକ୍ଷଣ ଏବଂ ଉପକୂଳ ପରିଚାଳନା ସଂପର୍କରେ ଉନ୍ନୟନ କମିଶନର ତୁଳନାତ୍ମକ ଅଭିବ୍ୟକ୍ତି ପ୍ରକାଶ କରିବା ସହିତ ଏ କ୍ଷେତ୍ରରେ ସହଯୋଗିତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଓଡ଼ିଶାରେ ଉନ୍ନୟନ କମିଶନରଙ୍କ ସହିତ ଅନୁଷ୍ଠିତ ଏହି ବୈଠକରେ ଭାରତ ଓ ତୋତୋରି ସରକାରଙ୍କ ସହଯୋଗିତା ସଂପର୍କିତ ଆଲୋଚନାରେ ଓଡ଼ିଶାର ଆର୍ଥିକ ଓ ଶିଳ୍ପ କ୍ଷେତ୍ରରେ ସହଯୋଗିତା, ଦକ୍ଷତା ବିକାଶ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ଉପଯୋଗିତା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ତୋତୋରିର ଆକର୍ଷଣୀୟ ସୌନ୍ଦର୍ଯ୍ୟ ସମେତ ଏହାର ବିକାଶରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ସଂପର୍କରେ ପ୍ରତିନିଧିମାନେ ଉପସ୍ଥାପନ କରିଥିଲେ । ପ୍ରତିନିଧିମାନେ କହିଥିଲେ ଯେ, ଜାପାନର ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଦକ୍ଷ କର୍ମଚାରୀ ଯୋଜନାରେ ଭାରତର ଯୁବକଯୁବତୀମାନେ ତାଲିମ ନେଉଛନ୍ତି ଏବଂ ତୋତୋରି ସମେତ ଜାପାନର ଶିଳ୍ପ, କୃଷି,ନର୍ସିଂ ସେବା ଏବଂ ଉତ୍ପାଦନଭିତ୍ତିକ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି । ଇତି ମଧ୍ୟରେ ଜାପାନର ଏହି ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ । ଓଡ଼ିଶାରେ ଦକ୍ଷ ମାନବ ସମ୍ବଳର ସହଯୋଗିତା ନେଇ ତୋତୋରି ସରକାର ଆଗ୍ରହ ପ୍ରକାଶ କରୁଥିବା ସଂପର୍କରେ ପ୍ରତିନିଧିମାନେ ପ୍ରକାଶ କରିଥିଲେ । ଓଡ଼ିଶାରେ ସ୍ମାର୍ଟ କୃଷି ଟେକ୍ନୋଲୋଜି ଟ୍ରାନ୍ସଫର, ଜଳ, ପରିମଳ ଓ ବର୍ଜ୍ୟ ଜଳ ପରିଚାଳନା ଆଦି କ୍ଷେତ୍ରରେ ସହଯୋଗିତା ନେଇ ଆଲୋଚନା କରାଯାଇଥିଲା । ତୋତୋରି ସରକାରଙ୍କ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଉନ୍ନୟନ କମିଶନର ସନ୍ତୋଷ ପ୍ରକାଶ କରିଥିଲେ । ତୋତୋରିର ଅଭିନବ ଜ୍ଞାନକୌଶଳ ଓ ଜାପାନର ଦୀର୍ଘ ବର୍ଷର ଉନ୍ନତ ବୈଷୟିକ ଅଭିଜ୍ଞତା ଉପଯୋଗ କରିବା ନେଇ ଓଡ଼ିଶା ସରକାରଙ୍କ ତରଫରୁ ଆବଶ୍ୟକ ସହଯୋଗିତା ସଂପର୍କରେ ଉନ୍ନୟନ କମିଶନର ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ତତୋରି ପ୍ରତିନିଧିମାନଙ୍କୁ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପରିଦର୍ଶନ କରି ସମ୍ଭାବ୍ୟ ସହଯୋଗିତା ସଂପର୍କରେ ପରାମର୍ଶ ନେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ରାଜ୍ୟ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଓଡ଼ିଶା ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ ବଡ଼ଗଡ଼ ବ୍ରିଟ୍ କଲୋନୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ୧୨/୧୦/୨୫ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଦିନକର ସବନୀସ ଯୋଗ ଦେଇଥିଲେ। ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ରାମଚନ୍ଦ୍ର ସ୍ୱାଇଁ, ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ମହେନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଓଡିଶା ପୂର୍ବପ୍ରାନ୍ତ ଦୀପକ ମହାନ୍ତି, କେନ୍ଦ୍ରୀୟ ପ୍ରଭାରୀ ଓଡ଼ିଶା ପୂର୍ବ ବଦ୍ରିନାରାୟଣ ମହାରଣା, ପୂର୍ବ କ୍ଷେତ୍ର ସହ ସଂଗଠନ ମନ୍ତ୍ରୀ ସୁଦର୍ଶନ ଦାସ ସହ ପ୍ରାନ୍ତ କାର୍ଯ୍ୟବାହ ଆରଏସ୍‌ଏସ୍ ପାଳକ ଅଭୟ ଅନିର୍ବାଣ ସମ୍ପାଦକ ପୂର୍ବ ପ୍ରାନ୍ତ, ସ୍ନେହାଂଶୁ ପଟ୍ଟନାୟକ, ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ, ଅଜୟ କୁମାର ଚୌଧୁରୀ, ଭୁବନେଶ୍ୱର ମହାନଗର ସଭାପତି, ଉଜ୍ଜ୍ୱଳ ପଣ୍ଡା, ସମ୍ପାଦକ ଭୁବନେଶ୍ୱର ମହାନଗର ବିଧୁ ଭୂଷଣ ନାୟକ ମହାନଗର ପ୍ରଭାରୀ ତଥା କୋଷାଧ୍ୟକ୍ଷ, ଓ ଶ୍ରୀମତୀ ସସ୍ମିତା ମଙ୍ଗରାଜ, ମହିଳା ପ୍ରମୁଖ ଭୁବନେଶ୍ୱର ମହାନଗର ଯୋଗ ଦେଇଥିଲେ ଏବଂ ପୂର୍ବ ପ୍ରାନ୍ତର ସମସ୍ତ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଗ୍ରାହକ ମାନଙ୍କର ଅଧିକାରକୁ ସମାଜର ସମସ୍ତ ବର୍ଗ ମାନଙ୍କ ମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାଯ୍ୟ କରିବା ସହିତ ଆଇନ ଗତ ସହଯୋଗ ଦେବାକୁ ଏହି ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ଆଲୋଚନା କରିଥିଲେ। ଏହି କ୍ରମରେ ସମସ୍ତ ଜିଲ୍ଲାରେ ଏକ ଦେୟମୁକ୍ତ ଗ୍ରାହକ ମାର୍ଗଦର୍ଶନ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା।

ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ଶୋଷଣର ସାମ୍ନା କରିବାକୁ ପଡୁଛି ବୋଲି ଅଭିଯୋଗ ଆସୁଅଛି। କିପରି ଏକ ଶୋଷଣ ମୁକ୍ତ ସମାଜ ଗଠନ କରାଯାଇପାରିବ ଓ ପ୍ରତ୍ୟକ ଗ୍ରାହକ କିପରି ଶୋଷଣ ମୁକ୍ତ ହେବେ ସେ ଦିଗରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଲା। ତତସହିତ ପ୍ରତ୍ୟକ ସ୍କୁଲ କଲେଜରେ ଗ୍ରାହକ ସଚେତନତା ଶିବିର ମାନ ଆୟୋଜନ କରାଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସମାଜକୁ ଶୋଷଣ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ଶତାଧିକ ମହିଳାମାନେ ଏହି ବୈଠକରେ ଉପସ୍ଥିତ ରହିଥିଲେ, ସମାଜକୁ ସଂସ୍କାର ଆଣିବା ଦିଗରେ ମାଆ ମାନଙ୍କର ତଥା ସମଗ୍ର ମହିଳା ମାନଙ୍କର ଭୂମିକା ଅତି ଗୁରୁତ୍ୱ ପୂର୍ଣ୍ଣ କ୍ଷ ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମହାନଗରର ୨୨ଟି ୱାର୍ଡର କମିଟି ଗଠନ କରି ପ୍ରମୁଖ ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଆଗାମୀ ଦିନରେ ଅନ୍ୟ ୱାର୍ଡ ଗୁଡିକରେ ମଧ୍ୟ କମିଟି ଗଠନ କରାଯିବ ବୋଲି ସଂଗଠନ ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି । ଏହି ୱାର୍ଡର ପ୍ରମୁଖମାନେ ସାଧାରଣ ଲୋକଙ୍କୁ ଗ୍ରାହକ ସମ୍ବଧୀୟ ସଚେତନତା ଓ ନାଗରିକ ଅଧିକାର ସୁରକ୍ଷା ବିଷୟରେ ସଚେତନ କରାଇବା ପାଇଁ ଦୃଢ ନିଷ୍ପତ୍ତି ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କାର୍ଯ୍ୟକର୍ତ୍ତା ମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ବିଷୟରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି ଏବଂ ଏକ ଶୋଷଣ ମୁକ୍ତ ସମାଜ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ସଂକଳ୍ପ ନେବାକୁ କହିଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.36-SBP-TRD-OT-2025-26, ତା.09.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/ସାଉଥ୍ ସେକ୍ସନରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ୍ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,91,313.95, EMD (ଟଙ୍କାରେ) : 61,800/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.31.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-679/Q/25-26

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044 ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-133/CI/25-26

ଭୁବନେଶ୍ୱର
୧୫ ଅକ୍ଟୋବର,
ବୁଧବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀକ୍ଷେତ୍ରରେ ପ୍ରଭୁଙ୍କୁ ହବିଷିଆଳିଙ୍କ ସୁଗମ ଦର୍ଶନକୁ ସୁନିଶ୍ଚିତ କରାଯାଉ : ମନ୍ତ୍ରୀ

**ପୁରୀ, ୧୪/୧୦ ନ୍ୟୁଜ ବ୍ୟୁରୋ**

ପୁରୀରେ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେବା ସହିତ ଶ୍ରୀକ୍ଷେତ୍ରରେ ହବିଷିଆଳିମାନଙ୍କର ଆଗମନ ହୋଇଛି। ପ୍ରତିବର୍ଷ ଏହି ସମୟରେ ହଜାର ହଜାର ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ, ବିଶେଷ କରି ବୟସ୍କା ମା'ମାନେ, କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ପୁରୀରେ ଏକତ୍ର ହୁଅନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରହି ମାସବ୍ୟାପୀ ପୂଜା, ଅର୍ଚ୍ଚନା ଓ ନିଷ୍ଠାପର ବ୍ରତ ପାଳନ କରିବା ସେମାନଙ୍କର ଲକ୍ଷ୍ୟ। ତେବେ ଏହି ହବିଷିଆଳିମାନଙ୍କ ମଧ୍ୟରୁ ଅଧିକାଂଶ ବୟସ୍କା ହୋଇଥିବାରୁ ସେମାନଙ୍କର ସୁରକ୍ଷା, ଯତ୍ନ ଏବଂ ମହାପ୍ରଭୁଙ୍କ ସୁଗମ ଦର୍ଶନ ନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ। ହବିଷିଆଳିମାନଙ୍କ ପାଇଁ ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି, ଯାହା ପ୍ରଶଂସନୀୟ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ମୋଚି ସାହି କଲ୍ୟାଣ ମଣ୍ଡପ ଆଦି ୪ଟି କେନ୍ଦ୍ରରେ ପ୍ରାୟ ୨୫୦୦ ହବିଷିଆଳିଙ୍କ ପାଇଁ ରହଣି ବ୍ୟବସ୍ଥା ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ହବିଷିଆଳିଙ୍କ ନିମନ୍ତେ ଶ୍ରୀଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ, ସ୍ୱାସ୍ଥ୍ୟ ପରୀକ୍ଷା, ପାନୀୟ ଜଳ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗ ପାଇଁ ବ୍ୟବସ୍ଥା ସହ ସନ୍ଧ୍ୟାରେ ପାଲା, ଦାସକାଠିଆ ଆଦି ପରିବେଷଣ ନେଇ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏହି ବ୍ରତ ପ୍ରାୟ ୧ ମାସ ଧରି ଚାଲିବାକୁ ଥିବାବେଳେ ନଭେମ୍ବର ୫ରେ ଏହା ଶେଷ ହେବ। ଚଳିତ ବର୍ଷ କାର୍ତ୍ତିକ ହବିଷିଆଳି ବ୍ରତ ଯୋଜନା ପାଇଁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଯାହା ବିଗତ ବର୍ଷ ତୁଳନାରେ ପ୍ରାୟ ୭୦ ଲକ୍ଷ ଟଙ୍କା ଅଧିକ। ତେବେ ହବିଷିଆଳିଙ୍କ ସଂଖ୍ୟା ୩ ହଜାରରୁ ୨୫୦୦କୁ କମିଥିବା ବେଳେ ବଜେଟ୍ ବୃଦ୍ଧି ପାଇବା ନେଇ କିଛି ବୁଦ୍ଧିଜୀବୀ କ୍ଷୋଭ



ପ୍ରକାଶ କରିଛନ୍ତି। ଅଧିକାଂଶ ହବିଷିଆଳି ବୟସ୍କ ହୋଇଥିବାରୁ, ସେମାନଙ୍କର ସାଧାରଣତଃ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଥାଇପାରେ। ତେଣୁ ସେମାନଙ୍କ ପାଇଁ ୨୪ ଘଣ୍ଟିଆ ଡାକ୍ତରୀ ସେବା ସହିତ ଜରୁରୀକାଳୀନ ପରିସ୍ଥିତି ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। କୌଣସି ଅଘଟଣ ଯେମିତି ନ ଘଟେ ସେଥିପାଇଁ ସରକାର ସତର୍କ ରହିବା ସହ ଫାର୍ମାସିଷ୍ଟ ଏବଂ ନର୍ସମାନେ ଶିବିରଗୁଡ଼ିକରେ ଉପସ୍ଥିତ ରହି ତୁରନ୍ତ ସେବା ଯୋଗାଇବା ଦରକାର। ସୁରକ୍ଷା ଦୃଷ୍ଟିରୁ ଶିବିର ଏବଂ ଶ୍ରୀମନ୍ଦିର ଚାରିପାଖରେ ପର୍ଯ୍ୟାପ୍ତ ସଂଖ୍ୟକ ପୁଲିସ୍ କର୍ମଚାରୀ ନିୟୋଜିତ ହେବା ଉଚିତ। ଚୋରି, ରାହାଜାନି ଏବଂ ଅନ୍ୟାନ୍ୟ ଅପରାଧ ରୋକିବା ପାଇଁ ସିସିଟିଭି କ୍ୟାମେରା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଆବଶ୍ୟକ। ମହାପ୍ରଭୁଙ୍କ ଦର୍ଶନ ହବିଷିଆଳିମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ବୟସ୍କ ହୋଇଥିବାରୁ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହେବା କଷ୍ଟକର ହୋଇଥାଏ। ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବା ଉଚିତ। ଯେଉଁ ହବିଷିଆଳିମାନେ ଚାଲିବାରେ ଅକ୍ଷମ, ସେମାନଙ୍କ ପାଇଁ ହ୍ୱିଲ୍‌ଚେୟାର ଏବଂ ସ୍ୱେଚ୍ଛାସେବୀଙ୍କ ସହାୟତା ଉପଲବ୍ଧ କରାଇବା ଦ୍ୱାରା ସେମାନେ ସହଜରେ ଦର୍ଶନ କରିପାରିବେ। ଏହା ସହିତ, ଶ୍ରୀମନ୍ଦିର ପରିସରରେ ପାନୀୟ ଜଳ ଏବଂ ବିଶ୍ରାମ ନେବା ପାଇଁ ସ୍ଥାନର ବ୍ୟବସ୍ଥା ରହିବା ଦରକାର। ହବିଷିଆଳିମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ। ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ହବିଷିଆଳିମାନଙ୍କୁ ଏକ ସୁରକ୍ଷିତ, ସୁଗମ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ।

# ଡିସେମ୍ବର ୨୪ରୁ ଆରମ୍ଭ ହେବ ବରଗଡ଼ ଧନୁଯାତ୍ରା

**ବରଗଡ଼, ୧୪।୧୦ ନ୍ୟୁଜ ବ୍ୟୁରୋ**

ଡିସେମ୍ବର ୨୪ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ବରଗଡ଼ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହା ଅନୁସାରେ ଚଳିତ ବର୍ଷ ଡିସେମ୍ବର ୨୪ରୁ ଜାନୁଆରୀ ୩ ଯାଏ ଧନୁଯାତ୍ରା ଆୟୋଜିତ ହେବ। ପ୍ରାୟ ୧୧ ଦିନ ଧରି ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ କଳା ପ୍ରଦର୍ଶନ କରିବେ କଳାକାର। କଂସଙ୍କ ଅଟ୍ଟହାସ୍ୟରେ କମ୍ପିବ ବରଗଡ଼। ସେହିଭଳି ସବୁଥର ଭଳି ଏଥର ମଧ୍ୟ କଂସ ଚରିତ୍ର ପାଇଁ କଳାକାର ଚୟନ କରାଯିବ।



# କିମ୍ସରେ ଅତି ବିରଳ ସ୍ନାୟୁ ରୋଗ 'ନୋଡୋପାଥି'ର ସଫଳ ଚିକିତ୍ସା

**ଭୁବନେଶ୍ୱର, ୧୪।୧୦ ନ୍ୟୁଜ ବ୍ୟୁରୋ**

କିମ୍ସ ଡାକ୍ତରମାନେ ନୋଡୋପାଥି ଓ ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି। ଜଣେ ୩୪ ବର୍ଷୀୟ ମହିଳା ପକ୍ଷାଘାତଗ୍ରସ୍ତ ରୋଗରେ ଆକ୍ରାନ୍ତ ହୋଇ ମୁଣ୍ଡ ବ୍ୟତୀତ ଶରୀରର ଅନ୍ୟ କୌଣସି ଅଂଶ କାମ କରୁନଥିଲା। ଗୁରୁତର ଅବସ୍ଥା ସତ୍ତ୍ୱେ ସେ ସଂପୂର୍ଣ୍ଣ ସଚେତନ ଥିଲେ। କିମ୍ସରେ ଭର୍ତ୍ତି ହେବା ପରେ ସ୍ନାୟୁରୋଗ ବିଭାଗ ମୁଖ୍ୟ ଡା. ସନ୍ତୋଷ ଦାଶ ତାଙ୍କ ରୋଗ ସମ୍ପର୍କରେ ବ୍ୟାପକ ତର୍ଜମା କରିଥିଲେ। ଶେଷରେ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ନୋଡୋପାଥି ଓ



ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ସେ ପୀଡ଼ିତ ବୋଲି ଜଣାପଡ଼ିଥିଲା। ଏଭଳି ବିରଳ ସ୍ନାୟୁ ରୋଗ ଗୁରୁତର ସ୍ନାୟୁଗତ କ୍ଷତି କରିଥାଏ ଏବଂ ସଂପୂର୍ଣ୍ଣ ପକ୍ଷାଘାତର କାରଣ ହୋଇଥାଏ। ଏଭଳି ଘଟଣା ସମଗ୍ର ଭାରତରେ ବିରଳ ବୋଲି ଡା. ଦାଶ ଦାବି କରିଛନ୍ତି। ଏଭଳି ରୋଗକୁ ଅଳ୍ପ କିଛି ଦିନ ପୂର୍ବରୁ ଚିକିତ୍ସାରେ ଅନ୍ତର୍ଭୁକ୍ତ କରାଯାଇଥିବା ଡା. ଦାଶ ପ୍ରକାଶ କରିଛନ୍ତି। ଡା. ଦାଶଙ୍କ ନେତୃତ୍ୱରେ କିମ୍ସର ଡାକ୍ତର ଅବିନାଶ ବଡ଼ପଣ୍ଡା ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଏହି ଚିକିତ୍ସା ଚ୍ୟାଲେଞ୍ଜକୁ ଦୃଢ଼ତାର ସହିତ ଗ୍ରହଣ କରିଥିଲେ। ବିରଳ ରୋଗର ଜଟିଳତା ସତ୍ତ୍ୱେ ରୋଗୀଙ୍କ ସଫଳ ଚିକିତ୍ସା କରିଥିଲେ। ରୋଗୀଙ୍କ ଅବସ୍ଥା ଏପରି ଥିଲା ଯେ, ତାଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡ଼ିଥିଲା। ଆବଶ୍ୟକ ରକ୍ତ ପରୀକ୍ଷା କେରଳରେ କରାଯାଉଥିବାରୁ ଓଡ଼ିଶାରେ ରୋଗ ନିର୍ଣ୍ଣୟ ସମ୍ଭବ ହେଉନଥିଲା। ଶେଷରେ କିମ୍ସ ଡାକ୍ତରମାନେ ସଫଳତାର ସହ ମହିଳାଙ୍କ ଚିକିତ୍ସା କରିଛନ୍ତି। ଏବେ ସେ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନ ଜୀଉଛନ୍ତି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ କିମ୍ସ କର୍ମଚାରୀଙ୍କ ସେବା ପାଇଁ ସେ କିମ୍ସକୁ ଧନ୍ୟବାଦ ଜଣାଇଛନ୍ତି। ରୋଗୀ ଜଣକ କହିଛନ୍ତି, 'ମୁଁ କେବେ ଭାବି ନଥିଲି ଯେ ମୁଁ ଜୀବିତ ଫେରିବି। କିମ୍ସର ଡାକ୍ତରମାନେ ମୋତେ ଏକ ନୂତନ ଜୀବନ ଦେଇଛନ୍ତି।' ଅପରପକ୍ଷରେ ଏଭଳି ବିରଳ ରୋଗ ଚିହ୍ନଟ ଓ ସଫଳ ଚିକିତ୍ସା କରିପାରିଥିବାରୁ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିମ୍ସ ସଂପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରୋଗୀଙ୍କ ସୁସ୍ଥଜୀବନ କାମନା କରିଛନ୍ତି।

# ଏମ୍ସ କର୍ମଚାରୀଙ୍କୁ ହତ୍ୟା ଘଟଣାରେ ୪ ଗିରଫ



**ଭୁବନେଶ୍ୱର, ୧୪/୧୦ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣାରେ ମଙ୍ଗଳବାର ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୁଧାଂଶୁଙ୍କ ଦାଦା ଓ ତାଙ୍କ ପୁଅ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି କମିଶନରେଟ ପୁଲିସ। ସୂଚନାଯୋଗ୍ୟ, ଡ୍ୟୁଟିକୁ ଆସୁଥିବା ବେଳେ ସୁଧାଂଶୁଙ୍କୁ ଗୋଡାଇ ଗୋଡାଇ ଗୁଳି କରି ହତ୍ୟା କରାଯାଇଥିଲା। ସେ ଭୁବନେଶ୍ୱର ଏମ୍ସରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଦୁର୍ବୃତ୍ତମାନେ ସୁଧାଂଶୁଙ୍କୁ ୩ ରାଉଣ୍ଡ ଗୁଳି କରିଥିଲେ। ସୁଧାଂଶୁଙ୍କ ଘର ସରକନ୍ତରା ଗାଁରେ। ଜମିବାଡି କାରବାରକୁ ନେଇ ତାଙ୍କୁ ହତ୍ୟା କରାଯାଇଛି।

# 'ଟେରାକୋଟା ଆମ ଗୌରବମୟ ଐତିହ୍ୟର ପ୍ରତୀକ'

**ଭୁବନେଶ୍ୱର, ୧୪/୧୦ ନ୍ୟୁଜ ବ୍ୟୁରୋ**

'ଟେରାକୋଟା ଓ କୁମ୍ଭାର ଶିଳ୍ପ' ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ ଗରିମାମୟ ଐତିହ୍ୟର ପ୍ରତୀକ। ରାଜ୍ୟରେ ୩୬ ହଜାରରୁ ଅଧିକ କାରିଗର ଏହି ଶିଳ୍ପକୁ ଆଧାର କରି ଜୀବିକା ନିର୍ବାହ କରୁଛନ୍ତି। ଏହି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ସେମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ସହ ଏହି ସମୃଦ୍ଧ ହସ୍ତଶିଳ୍ପକୁ ଆଗକୁ ବଢାଇବାରେ ସହାୟକ ହେବ। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୫'କୁ ଉଦ୍‌ଘାଟନ କରିବା ଅବସରରେ ଏଭଳି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗୀୟ କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗ ଦେଇ ଗୋଟିଏ ସ୍ଥାନରେ ଟେରାକୋଟା ଓ କୁମ୍ଭାର ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ ହସ୍ତଶିଳ୍ପୀମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ଏହି ଆୟୋଜନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ଯାଏଁ ଚାଲିବ। ଏଥିରେ ୨୧୦ଟି ଷ୍ଟଲ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫୦ ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ପାଖାପାଖି ୩ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ଉପ ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ୬୧ଟି ହସ୍ତଶିଳ୍ପରୁ ଆହୁରି ୨ଟି ବଢ଼ାଇବାକୁ ସରକାର ଯୋଜନା କରିଛନ୍ତି। ରାଜ୍ୟର ୧୭ଟି ଜିଲ୍ଲାରେ ୧୮ଗୋଟି ନୂଆ ତାଲିମ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ତାଲିମ କେନ୍ଦ୍ରଗୁଡ଼ିକର ସୁପରିଚାଳନା ପାଇଁ ରାଜ୍ୟ ସରକାର ତାଲିମ କେନ୍ଦ୍ରର ମାସିକ ଦେୟ ମଧ୍ୟ ୨୦୦୦ଟଙ୍କାରୁ ପାଞ୍ଚ ହଜାର ଟଙ୍କା ଯାଏ ବୃଦ୍ଧି କରିଛନ୍ତି। ସେହିପରି ରାଜ୍ୟ ବାହାରକୁ ଯାଉଥିବା ହସ୍ତଶିଳ୍ପୀମାନଙ୍କ ଦୈନିକ ଭତ୍ତା ରାଜ୍ୟ ସରକାର ୩୦୦ରୁ ୫୦୦ଟଙ୍କାକୁ ବୃଦ୍ଧି କରିଛନ୍ତି।

# ସମ୍ପତ୍ତି ତାଲିକା ଦେଇପାରିଲେନି ବୋଲି ଇନ୍ସପେକ୍ଟର ହୋଇପାରିଲେନି ୧୧୭ ଏସ୍‌ଆଇ

**କଟକ, ୧୪/୧୦ ନ୍ୟୁଜ ବ୍ୟୁରୋ**

ସରକାରୀ ଅଧିକାରୀମାନେ ପ୍ରତିବର୍ଷ ନିଜ ସମ୍ପତ୍ତି ତାଲିକା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ଏହି ନିର୍ଦ୍ଦେଶକୁ ବିଭିନ୍ନ ବିଭାଗର ଅଫିସରମାନେ ମାନୁନଥିବା ଜଣାପଡ଼ିଛି । ନିଜ ସମ୍ପତ୍ତି ତାଲିକା ସରକାରଙ୍କୁ ଦେବାକୁ ଅନେକ ସମୟରେ ଅଫିସରମାନେ କୁନ୍ଥକୁନ୍ଥ ହେଉଛନ୍ତି । ଏମିତି ନିଜ ସମ୍ପତ୍ତି ତାଲିକା ଦାଖଲ କରିନଥିବାରୁ ୧୧୭ ସବ୍‌ଇନ୍ସପେକ୍ଟରଙ୍କୁ ଡିଜିପି ପଦୋନ୍ନତିରୁ ବାଦ୍ ଦେଇଛନ୍ତି । ଫଳରେ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ଦ୍ୱାରା ପ୍ରସ୍ତୁତ ଇନ୍ସପେକ୍ଟର ପଦୋନ୍ନତି ସୁଯୋଗରୁ ଏହି ୧୧୭ ଜଣ ସବଇନ୍ସପେକ୍ଟର ବଞ୍ଚିତ ହୋଇଛନ୍ତି । ଏହା ଏବେ ପୁଲିସ ବିଭାଗରେ ଚର୍ଚ୍ଚାର ବିଷୟ ହୋଇଛି। ସରକାରୀ ଅଧିକାରୀମାନେ ନିଜ ସମ୍ପତ୍ତି ତାଲିକା ଜଣାଇବା ୨୦୨୧ରୁ ବାଧ୍ୟତାମୂଳକ




ହୋଇଛି । ଅଧିକାରୀମାନେ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ୍‌ରେ ବାର୍ଷିକ ନିଜ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ବ୍ୟବସ୍ଥା ଥିଲେ ହେଁ ସେଥିରେ ଉଲ୍ଲଂଘନ ହେଉଛି । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ନମାନି ଧାର୍ଯ୍ୟ ସମୟରେ ସମ୍ପତ୍ତି ତାଲିକା ଦାଖଲ କରି ନପାରିବାରୁ ୧୧୭ ସବ୍‌ଇନ୍ସପେକ୍ଟର ଅକଳରେ ପଡ଼ିଛନ୍ତି। ୨୦୧୭ ବ୍ୟାଚ୍‌ରେ ନିଯୁକ୍ତ ୬୨୫ ଏସ୍‌ଆଇଙ୍କ ମଧ୍ୟରୁ ପୂର୍ବରୁ ପ୍ରାୟ ୪୦ ଜଣ ଚାକିରି ଛାଡ଼ି ଦେଇଥିବା ବେଳେ ଆଉ ପ୍ରାୟ ୫୦ ଜଣ ଭିଜିଲାନ୍ସ ମାମଲା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ବ୍ଲାକ୍ ମାର୍କ ପାଇଥିବାରୁ ପଦୋନ୍ନତି ପାଇବାକୁ ଅଯୋଗ୍ୟ ହୋଇଛନ୍ତି । ସେହିପରି ୧୧୭ ଏସ୍‌ଆଇ ବାର୍ଷିକ ସମ୍ପତ୍ତି ତାଲିକା ପ୍ରଦାନ କରିନଥିବାରୁ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି । ଅନ୍‌ଲାଇନ୍ ସମ୍ପତ୍ତି ତାଲିକା ଦାଖଲର ବ୍ୟବସ୍ଥା ଥିଲେ ହେଁ ଗତ ମେ' ମାସରୁ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ୍‌ରେ ତାଲିକା ଦାଖଲ ହୋଇ ପାରୁନଥିବାରୁ କେବଳ ପୁଲିସ ବିଭାଗ ନୁହେଁ ବିଭିନ୍ନ ବିଭାଗର ଅନେକ ଅଫିସର ଅଡୁଆରେ ପଡ଼ିଥିବା ସୂଚନା ମିଳିଛି। ମେ ମାସରେ ଉକ୍ତ ସାଇଟ୍ ବନ୍ଦ ହୋଇଯିବାରୁ ୨୦୧୭ ବ୍ୟାଚ୍‌ର ୫୨ ଜଣ ସବ୍‌ଇନ୍ସପେକ୍ଟର ପୁଲିସ ବିଭାଗରେ ସେମାନଙ୍କ ସମ୍ପତ୍ତି ତାଲିକା ଅଫ୍‌ଲାଇନରେ ହାତାହାତି ଦେଇଥିଲେ। ମାତ୍ର ସେଗୁଡିକୁ ପୁଲିସ ମୁଖ୍ୟାଳୟ ଗ୍ରହଣ କରିନାହିଁ। ଏହାର ପ୍ରତିବାଦ ଜଣାଇ ସବ୍‌ଇନ୍ସପେକ୍ଟରମାନେ ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି । ୨୦୧୭ ବ୍ୟାଚ୍‌ରେ ନିଯୁକ୍ତ ୬୨୫ ଏସ୍‌ଆଇଙ୍କ ମଧ୍ୟରୁ ୪୧୯ ଜଣ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ।

# ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ : ୨ ଗିରଫ

**ପାରଳାଖେମୁଣ୍ଡି, ୧୪/୧୦ ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଲାବଣ୍ୟ ଗଡ଼ ପାହାଡ ତଳେ ଚାଲିଥିଲା ଗଞ୍ଜେଇ ଚାଲାଣ। କଣ୍ଟେନରରେ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ପ୍ୟାକିଂ କରୁଥିବା ବେଳେ ମାଡ଼ି ବସିଲା ଅବକାରୀ ବିଭାଗ। କଣ୍ଟେନରରୁ ୪୫ ଲକ୍ଷ ୧୦ ହଜାର ଟଙ୍କାର ଗଞ୍ଜେଇ ଜବତ ହୋଇଛି। ୨ ଜଣଙ୍କୁ ଗିରଫ କରିଛି ପାରଳାଖେମୁଣ୍ଡି ଅବକାରୀ ବିଭାଗ। ସୂଚନାନୁଯାୟୀ, ଗୋଷାଣି ବ୍ଲକର ଲାବଣ୍ୟ ଗଡ଼ ପାହାଡ ତଳେ ଗଞ୍ଜେଇ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଥିଲେ। କଣ୍ଟେନରରେ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ପ୍ୟାକିଂ କରୁଥିଲେ । ଏନେଇ ଖବର ପାଇବା ପରେ ପାରଳାଖେମୁଣ୍ଡି ଅବକାରୀ ବିଭାଗ ଚଢଉ କରିଥିଲା। ରେଡ୍ ବେଳେ ଗୋଟିଏ କଣ୍ଟେନର ଜବତ କରିବା ସହ ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରିଛି। କଣ୍ଟେନରରୁ ୪୫୦ କେଜି ଓଜନର ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜବତ ହୋଇଥିବା କଣ୍ଟେନରଟି ହରିୟାଣାର ହୋଇଥିବା ବେଳେ ଗଜପତିରୁ ହରିୟାଣା ଗଞ୍ଜେଇ ଚାଲାଣ ହେଉଥିବା ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ ବିଭାଗ ଛାନଭିନ୍ ଚଳାଇଛି।



# ରାଜ୍ୟରେ ତୁଟିବ ପାର୍ଟ ପ୍ଲଟ୍ ସମସ୍ୟା; ଏସଓପି ଆଣିଲା ରାଜସ୍ୱ ବିଭାଗ

**ଭୁବନେଶ୍ୱର, ୧୪/୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ତୁଟିବ ପାର୍ଟ ପ୍ଲଟ୍ ସମସ୍ୟା। ଏଥିପାଇଁ ନୂଆ ମାର୍ଗଦର୍ଶିକା ବା ଏସଓପି ଜାରି କରିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ଏସଓପି ଅନୁସାରେ ତତ୍କାଳ ଜମି ପଞ୍ଜୀକରଣ କରିବାକୁ ସବରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛି ବିଭାଗ। ଏନେଇ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ଗତ କିଛି ଦିନ ତଳେ ସବ୍ ପ୍ଲଟ୍ ବା ପାର୍ଟ ପ୍ଲଟକୁ ନେଇ ସଂଶୋଧିତ ବିଜ୍ଞପ୍ତି ଆଣିଥିଲେ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡିଏ ରୁଲ୍‌ସରେ ଦ୍ୱିତୀୟ ସଂଶୋଧନ-୨୦୨୫ ଜାରି ହୋଇଥିଲା। କିନ୍ତୁ ଏଥିରେ ଦ୍ୱନ୍ଦ୍ୱ ଥିଲା। ସେହି କାରଣରୁ ପାର୍ଟ ପ୍ଲଟ ବିକ୍ରିରେ ସମସ୍ୟା ସୃଷ୍ଟି ହୋଇଥିଲା। ଜମି ପଞ୍ଜୀକରଣ ନକରାଇ ସବ୍ ରେଜିଷ୍ଟ୍ରାରମାନେ ଲୋକଙ୍କୁ ଫେରାଇ ଦେଉଥିଲେ। ଏହି ଦ୍ୱନ୍ଦ୍ୱ ଦୂର କରିବା ତଥା ପାର୍ଟ ପ୍ଲଟ ବିକ୍ରିକୁ ଅନୁମତି ଦେବାକୁ ନୂଆ ମାର୍ଗଦର୍ଶିକା ବା ଏସଓପି ଜାରି କରିଛି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ। ଏସଓପି ଅନୁସାରେ ତତ୍କାଳ ଜମି ପଞ୍ଜୀକରଣ କରିବାକୁ ସମସ୍ତ ସବ୍ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ କହିଛନ୍ତି, 'ଜମି କିଣାବିକା କରିବା ଲୋକଙ୍କ ମୌଳିକ ଅଧିକାର। ହେଲେ ଜମି କିଣାବିକା ବେଳେ ସହରୀ ଯୋଜନା ବାବଦରେ ନଜର ଦେବା ଜରୁରୀ। ଏହି ଦୁଇଟି ପ୍ରସଙ୍ଗକୁ ନଜରରେ ରଖି କିଛି ମାସ ଧରି ବନ୍ଦ ଥିବା ପାର୍ଟ ପ୍ଲଟ୍ ପଞ୍ଜୀକରଣ ପାଇଁ ବିଭାଗ ତରଫରୁ ଏସ୍‌ଓପି ଆସିଛି। ପୂର୍ବରୁ ବିଭାଗ ତରଫରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ନେଇ କିଛି ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱନ୍ଦ ଥିଲା। ଏହି



ଏସ୍‌ଓପି ସବ୍ ରେଜିଷ୍ଟ୍ରାରମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଦୂର ହେବ ଏବଂ ପାର୍ଟ ପ୍ଲଟ୍ କିଣାବିକା ଚାଲିବ ବୋଲି ଆଶା ରହିଛି। ପାର୍ଟ ପ୍ଲଟ୍ କିଣାବିକା ବେଳେ ଗ୍ରାମାଞ୍ଚଳ ପାଇଁ କୌଣସି କଟକଣା ନାହିଁ। କେବଳ ଜଳାଶୟ କିସମ ଜମିକୁ ଏକାଥରେ ବିକ୍ରି କରିହେବ। ସହରାଞ୍ଚଳରେ ଏବଂ ଡେଭେଲପମେଣ୍ଟ ଏରିଆରେ ଆସୁଥିବା ଅଞ୍ଚଳରେ ପାର୍ଟ ପ୍ଲଟ୍ କିଣାବିକା ପାଇଁ ଦୁଇଟି ଘୋଷଣାନାମା ଦେବାକୁ ପଡ଼ିବ। ଚାଷ ଜମି କେବଳ ଚାଷ ପାଇଁ ବ୍ୟବହୃତ ହେବ ଏବଂ ଘରବାଡି କିସମ ଜମିରେ କୌଣସି ରିଏଲ ଇଷ୍ଟେଟ କାରବାର ନ କରିବାକୁ ଡିକ୍ଲାରେସନ ଦେବାକୁ ପଡ଼ିବ। ପ୍ରଥମ ଥର ପାଇଁ ୫୦୦ ବର୍ଗ ମିଟର ପର୍ଯ୍ୟନ୍ତ ଜମି ବିକିଲେ କୌଣସି ଲେ-ଆଉଟ ଦେବାକୁ ପଡ଼ିବ ନାହିଁ। ମୁଖ୍ୟତଃ ଅଧିକାରୀଙ୍କ ପାଇଁ ପାର୍ଟ ପ୍ଲଟ୍ କିଣାବିକାରେ ଥିବା ଦ୍ୱନ୍ଦ୍ୱ ଏହି ଏସଓପି ଜରିଆରେ ଦୂର ହେବ।' ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ପକ୍ଷରୁ ଜାରି ହୋଇଥିବା ନୂଆ ଏସଓପି ଅନୁସାରେ ଏଣିକି ଚାଷ ଜମିକୁ ପାର୍ଟ କରି ବା ଭାଗ କରି ବିକ୍ରି କଲେ ଏହାର କିସମ ଆଉ ପରିବର୍ତ୍ତନ କରିହେବନାହିଁ। ଚାଷ ଜମିକୁ ଭାଗ ଭାଗ କରି ବିକ୍ରି କରିବା ପରେ ଏହାର କିସମକୁ ଆଉ ଘରବାଡ଼ିରେ ବଦଳାଇ ହେବନାହିଁ। ଏଥିରେ ରୋକ୍ ଲଗାଯାଇଛି। ଚାଷ ଜମି ବିକ୍ରି କରିବା ସମୟରେ ବିକ୍ରେତା ବା ହସ୍ତାନ୍ତରକାରୀ ଓ କ୍ରେତା ବା ଗ୍ରହୀତା ଦଲିଲ ମାଧ୍ୟମରେ ହସ୍ତାନ୍ତର କରୁଥିବା ସମ୍ପତ୍ତିକୁ କେବଳ ଚାଷ କାମରେ ବ୍ୟବହାର କରିବେ। ଏଥିପାଇଁ ଘୋଷଣାନାମା ସବ୍ ରେଜିଷ୍ଟ୍ରାରଙ୍କ ପାଖରେ ଦାଖଲ କରିବାକୁ ପଡ଼ିବ। ସେହିପରି ଗ୍ରାମାଞ୍ଚଳରେ ଥିବା ଜମିକୁ ଭାଗ ଭାଗ କରି ବିକ୍ରି କରିବା ପାଇଁ କୌଣସି ଲେ-ଆଉଟ୍ ପ୍ଲାନ ଅନୁମୋଦନ ଦରକାର ପଡ଼ିବନାହିଁ। ସହରାଞ୍ଚଳ, ଉନ୍ନୟନ କର୍ତ୍ତୃପକ୍ଷ ଓ ଟାଉନ ପ୍ଲାନିଂ କର୍ତ୍ତୃପକ୍ଷଙ୍କ ଅଞ୍ଚଳ ବାହାରେ ଥିବା ଜମିକୁ ଭାଗ କରି ବିକ୍ରି କରିବାକୁ ମଧ୍ୟ ଲେ-ଆଉଟ୍ ପ୍ଲାନ୍ ଆବଶ୍ୟକ ପଡ଼ିବନାହିଁ। ଜମି ମାଲିକ ଚାହିଁଲେ ନିଜ ଜମିକୁ ଯେତେ ଭାଗ କରି ବିକ୍ରି କରିପାରିବେ। ଏହା ଏସଓପିରେ ସ୍ପଷ୍ଟ କରାଯାଇଛି। କେବଳ ଏହି ଅଞ୍ଚଳରେ ଥିବା ଜଳାଶୟ କିସମକୁ ଭାଗ କରିହେବନାହିଁ। ସମ୍ପୂର୍ଣ୍ଣ ପ୍ଲଟକୁ ଏକାସାଙ୍ଗରେ ବିକ୍ରି କରିହେବ। ଓଡ଼ିଶା ଟାଉନ୍ ପ୍ଲାନିଂ ଓ ଓଟିପି ଆଣ୍ଡ ଆଇଟି ପ୍ଲଟର ଭାଗ କରିବା ଉପରେ ଓଡିଏ ଆକ୍ଟ ଯେଉଁ କଟକଣା ଲଗାଇଛି ବା ଲିଖିତ ଅନୁମତି ନ ଦେଇଛି, ତାକୁ ସବ୍ ପ୍ଲଟ୍ କରି ବିକ୍ରି କରିହେବନାହିଁ। ୨୦୨୫ରେ ଜାରି ହୋଇଥିବା ଓଡିଏ ପ୍ଲାନିଂ ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡସର ଦ୍ୱିତୀୟ ସଂଶୋଧିତ ରୁଲ୍ସ ଏବଂ ଓଡ଼ିଶା ଟାଉନ ପ୍ଲାନିଂ ଓ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ସଂଶୋଧିତ ରୁଲ୍ସରେ ପାର୍ଟ ପ୍ଲଟର ବିକ୍ରି ପାଇଁ ଯେଉଁ ନିୟମ କୋହଳ ହୋଇଛି, ତାହା ଜାରି ରହିବ। କୌଣସି ପରିବାର ଭିତରେ ଜାଗା ବଣ୍ଟା ସମୟରେ ବା ପର୍ଟି ପ୍ଲଟ ବିକ୍ରି ପାଇଁ କୌଣସି କଟକଣା ନାହିଁ ବା ଲେ-ଆଉଟ୍ ପ୍ଲାନ ଅନୁମୋଦନ ଆବଶ୍ୟକ ନାହିଁ। ସେହିଭଳି ଅନ୍ୟମାନେ ବି ପାର୍ଟ ପ୍ଲଟ ବିକ୍ରି କରିପାରିବେ। କିନ୍ତୁ ମୂଳ ପ୍ଲଟରୁ ମାତ୍ର ଥରଟିଏ ପାର୍ଟ ପ୍ଲଟ ବିକ୍ରି କରିହେବ। ମୂଳ ପ୍ଲଟ ଯେତେ ବଡ଼ ହୋଇଥାଉନା କାହିଁକି, ବିକ୍ରି ହେବାକୁ ଥିବା ପାର୍ଟ ପ୍ଲଟ ୫୦୦ ବର୍ଗମିଟରରୁ କମ୍ ହୋଇଥିବା ଦରକାର। କିନ୍ତୁ ବିକ୍ରି ପରେ ଏହି ପାର୍ଟ ପ୍ଲଟ ରିଅଲ ଇଷ୍ଟେଟ ପ୍ରକଳ୍ପ ଉଦ୍ଦେଶ୍ୟରେ ବ୍ୟବହାର କରିହେବନାହିଁ। ଏନେଇ ଉଭୟ ବିକ୍ରେତା ଓ କ୍ରେତା ଘୋଷଣାନାମା ଦେବେ। ସେହିଭଳି ମୂଳ ପ୍ଲଟରୁ ଗୋଟିଏ ଥର ଜମି ଭାଗ କରି ବିକିଲା ପରେ ଆଉ ପାର୍ଟ ପ୍ଲଟ କରି ବିକିପାରିବେ ନାହିଁ। ପୂର୍ବରୁ ୫୦୦ ବର୍ଗମିଟରରୁ କମ ଜମି କିଣିଥିବା ଲୋକେ ଏବେ ଏହାକୁ ସାନି ଭାଗ କରିପାରିବେ। ପାର୍ଟ ପ୍ଲଟ ବିକ୍ରିକୁ ପଞ୍ଜୀକରଣ କରିବା ସମୟରେ ଅଧିକାରୀମାନେ ଜମି ରହିଥିବା ମ୍ୟାପ୍ ଠିକ ଅଛି ନା ନାହିଁ, ଜମିର ସୀମା ଓ ଘୋଷଣାନାମାକୁ ଭଲ ଭାବେ ଯାଞ୍ଚ କରି ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କ୍ରେତା ଓ ବିକ୍ରେତା ଦେଉଥିବା ଘୋଷଣାନାମା ସେଲ୍ ଡିଡରେ ଯୋଡ଼ାଯିବ। ଏହାର ଏକ ନକଲ ମଧ୍ୟ ରଖାଯିବ।

## ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପୋର୍ଟାଲ ଲଞ୍ଚ

# ଘରେ ବସି ଚାଲାଣ ପୈଠ କରିବ ଓଟିଏସ୍

**କଟକ, ୧୪/୧୦ ନ୍ୟୁଜ ବ୍ୟୁରୋ**

ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣ ପୈଠ ପାଇଁ କୌଣସି ଆରଟିଓ ଅଫିସ୍‌କୁ ଯିବାକୁ ପଡ଼ିବ ନାହିଁ । ଘରେ ବସି ଜଣେ ବ୍ୟକ୍ତି ଏହି ସୁଯୋଗ ନେଇପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ପୋର୍ଟାଲ ମଧ୍ୟ ଖୋଲାଯାଇଛି https://echallan.parivahan.gov.in//ରେ ଏହି ଇ-ଚାଲାଣ ଜରିମାନା ଅର୍ଥକୁ ପୈଠ କରାଯାଇ ପାରିବ । ରାଜ୍ୟ ସରକାର ଇ-ଚାଲାଣରେ ଜରିମାନା ପୈଠ ପାଇଁ ଓଟିଏସ୍ (ୱାନ୍ ଟାଇମ୍ ସେଟଲ୍‌ମେଣ୍ଟ) ବ୍ୟବସ୍ଥା ଲାଗୁ କରିଛନ୍ତି । ଏଥିରେ ମୋଟ୍ ୨୪ଟି ବିଭାଗକୁ ସମ୍ପୃକ୍ତ କରାଯାଇଛି । ଧାର୍ଯ୍ୟ ସମୟ ମଧ୍ୟରେ ଏହି ଜରିମାନା ଅର୍ଥ ପୈଠ କଲେ ୫୦% ରିହାତି ମିଳିବ । ଗତ ଜୁଲାଇ ୩୧ ପୂର୍ବରୁ ଯେଉଁସବୁ ଜରିମାନା କଟାଯାଇଛି ସେସବୁ କ୍ଷେତ୍ରରେ ଏହି ଓଟିଏସ୍ ଲାଗୁ ହେବ। ଇ-ଚାଲାଣ ପୈଠ ନ କଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି । ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ୱେବ୍‌ସାଇଟ୍‌ରେ କ୍ଲିକ୍ କରି ପେ-ଅନ୍‌ଲାଇନ୍ କ୍ଲିକ୍ କରିବା ପରେ ଚାଲାଣ ସଂଖ୍ୟା କିମ୍ବା ଗାଡ଼ି ନମ୍ବର ଦେଇ ଓଟିପି ଭରିଲେ ବକେୟା ଚାଲାଣର ବିବରଣୀ ଏବଂ ପୈଠ କରିବାର ବିକଳ୍ପ ଦେଖିବାକୁ ମିଳିବ। କୌଣସି ସୂଚନା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଜନସାଧାରଣ ବୁଝିପାରିବେ । ସେହିଭଳି ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦ ୩୪୫୧୦୭୩ରେ ମଧ୍ୟ ଯୋଗାଯୋଗ କରାଯାଇ ପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# କଟକ ପକ୍ଷରୁ ଅଗ୍ନିପଥ ଯୋଜନା ପାଇଁ ନିଯୁକ୍ତି ରାଲି

**କଟକ, ୧୪/୧୦ ନ୍ୟୁଜ ବ୍ୟୁରୋ**

କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ୨୨ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର (ଓଡ଼ିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ । ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷାରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି । ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି।

ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦିଅନ୍ତୁ ୱେବସାଇଟ୍ www.joinindianarmy.nic.inରେ ସେମାନଙ୍କର ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ। ଯେକୌଣସି ପ୍ରଶ୍ନ ପାଇଁ, ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସେମାନେ ଟାଉଟ୍‌ର / ଏଜେଣ୍ଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି। ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ କଟକର ସେନା ନିଯୁକ୍ତ କାର୍ଯ୍ୟାଳୟର ନିଯୁକ୍ତ କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ।